R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୫୪
ତିଥି : ନବମୀ
୦୧ ଅକ୍ଟୋବର ୨୦୨୫, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur








## ଶାରଦୀୟ ଶୁଭେଚ୍ଛା

ପବିତ୍ର ଦଶହରା ଉପଲକ୍ଷେ 'ସମୟ'ର ଅଗଣିତ ପାଠକ, ପାଠିକା, ଲେଖକ, ଲେଖିକା, ବିଜ୍ଞାପନଦାତା, ସମ୍ବାଦଦାତା, ଏଜେଣ୍ଟ ଓ ବିତରକମାନଙ୍କୁ 'ସମୟ' ପରିବାର ପକ୍ଷରୁ ହାର୍ଦ୍ଦିକ ଶୁଭେଚ୍ଛା ।

ନିର୍ଦ୍ଦେଶିକା

## 'ସମୟ'ର ଛୁଟି

ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ 'ସମୟ' କାର୍ଯ୍ୟାଳୟ ଅକ୍ଟୋବର ୦୧ ରୁ ୦୩ ତାରିଖ ୩ ଦିନ ବନ୍ଦ ରହିବ । ଏହାର ପରବର୍ତ୍ତୀ ସଂସ୍କରଣ ୦୫ ତାରିଖ ରବିବାର ସକାଳେ ପ୍ରକାଶ ପାଇବ ।

ନିର୍ଦ୍ଦେଶିକା

# ପୋଲିସ ଏସ୍‌ଆଇ ପରୀକ୍ଷା ସ୍ଥଗିତ

ଭୁବନେଶ୍ୱର, ୩୦।୯ (ସବ୍ୟୁ) : ଆଗାମୀ ୫ ଓ ୬ ତାରିଖରେ ହେବାକୁ ଥିବା ପୋଲିସ ଏସ୍‌ଆଇ ଲିଖିତ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି । ଅନିବାର୍ଯ୍ୟ କାରଣ ବଶତଃ ଏହି ପରୀକ୍ଷାକୁ ସ୍ଥଗିତ ରଖାଗଲା ବୋଲି ଓଡିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ (ଓପିଆରବି) ପକ୍ଷରୁ ସୂଚନା ଦିଆଯାଇଛି । ଖୁବ୍ ଶୀଘ୍ର ପରୀକ୍ଷାର ନୂଆ ତାରିଖ ଘୋଷଣା କରାଯିବ । ପୋଲିସ ଏସ୍‌ଆଇ ପରୀକ୍ଷାରେ ଜାଲିଆତି ହୋଇଥିବା ସୂଚନା ଆସିବା ପରେ ଏପରି ପଦକ୍ଷେପ ନିଆଯାଉଛି । ସୂଚନା ଯୋଗ୍ୟ ବ୍ରହ୍ମପୁର ପୋଲିସ ଆନ୍ଧ୍ର ଶ୍ରୀକାକୁଳମରୁ ୧୨୦ ପରୀକ୍ଷାର୍ଥୀଙ୍କୁ ଧରିବା ପରେ ବୋର୍ଡ ସଜାଗ ହୋଇଥିଲା । ପରୀକ୍ଷା ପୂର୍ବରୁ ଜାଲିଆତି ପାଇଁ ୧୨୦ ପରୀକ୍ଷାର୍ଥୀଙ୍କୁ ( ୯ ପୃଷ୍ଠାରେ)

# ବିହାର ଭୋଟର ତାଲିକାରୁ ୪୭ ଲକ୍ଷ ବାଦ୍

ନୂଆଦିଲ୍ଲୀ, ୩୦।୯ : ବିହାର ବିଧାନସଭା ନିର୍ବାଚନ ହେବାକୁ ଥିବା ବିହାରରେ ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ୍ (ଏସ୍‌ଆଇଆର୍ ) ଶେଷ ହେଲା ପରେ ନିର୍ବାଚନ କମିଶନଙ୍କ ପକ୍ଷରୁ ଚୂଡାନ୍ତ ଭୋଟର ତାଲିକା ଜାରି କରାଯାଇଛି । ଏସ୍‌ଆଇଆର୍ ପକ୍ଷରୁ ଚିଠା ଭୋଟର ତାଲିକା ଜାରି ହେଲା ପରେ ଆସିଥିବା ଅଭିଯୋଗକୁ ବିଚାର କରାଯାଇ ଚୂଡାନ୍ତ ତାଲିକା ଜାରି ହୋଇଛି । ୪୭ ଲକ୍ଷ ଭୋଟରଙ୍କ ନାମ ବାଦ୍ ପଡିଛି । ଚୂଡାନ୍ତ ଭୋଟର ତାଲିକାରେ ୭.୪ କୋଟି ଲୋକ ସ୍ଥାନିତ ହୋଇଛନ୍ତି ।

ତାଲିକାରେ ପ୍ରାୟ ୧୪ ଲକ୍ଷ ନୂଆ ଭୋଟର ଯୋଡି ହୋଇଛନ୍ତି । ନିର୍ବାଚନ କମିଶନଙ୍କ ସୂଚନା (୯ ପୃଷ୍ଠାରେ)

DADLS-53



ସତ୍ୟମେବ ଜୟତେ

ପବିତ୍ର ବିଜୟା ଦଶମୀ-୨୦୨୫ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ବିଜୟା ଦଶମୀ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

ବିଜୟା ଦଶମୀ ହେଉଛି ଅସତ୍ୟ ଉପରେ ସତ୍ୟର, ଅନ୍ୟାୟ ଉପରେ ନ୍ୟାୟର ଏବଂ ଅଶାନ୍ତି ଉପରେ ଶାନ୍ତିର ବିଜୟ ପ୍ରତୀକ । ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନରେ ତଥା ସମାଜରେ ସତ୍ୟ, ନ୍ୟାୟ ଏବଂ ଶାନ୍ତି ପ୍ରତିଷ୍ଠା ଦିଗରେ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମ୍ପାଟି)



ଦୁର୍ଗାପୂଜା ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶାରଦୀୟ ଦୁର୍ଗାପୂଜା ଅବସରରେ ରାଜ୍ୟବାସୀ ଭାଇ ଓ ଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ।

ମା' ଦୁର୍ଗା ଆମ ପାଇଁ ଶକ୍ତି ଓ ସୁରକ୍ଷାର ନିଦର୍ଶନ । ଆମ ସମାଜରେ ଦୁର୍ଗାପୂଜା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ଏହା ହେଉଛି ଶକ୍ତି, ସାହସ ଓ ନୈତିକ ବିଜୟର ପ୍ରତୀକ । ମା' ଙ୍କ ଧରାବତରଣ ସମସ୍ତଙ୍କ ପାଇଁ ଶୁଭମୟ ହେଉ ।

ଜଗତ୍‌ଜନନୀ ମା' ଦୁର୍ଗାଙ୍କ ଅପାର କରୁଣାରୁ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ଆନନ୍ଦ ଭରିଉଠୁ, ପାର୍ବଣର ଏହି ଅମୃତ ଲଗ୍ନରେ ମା'ଙ୍କ ନିକଟରେ ଏତିକି ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/13/1202/2526

DADLS-52



ସତ୍ୟମେବ ଜୟତେ



ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଆସନ୍ତୁ, ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ନିର୍ମାଣରେ ନିଜକୁ ସମର୍ପିତ କରିବା ପାଇଁ ସଂକଳ୍ପବଦ୍ଧ ହେବା ।

(ହରି ବାବୁ କମ୍ଭମ୍ପାଟି)



ଗାନ୍ଧୀ ଜୟନ୍ତୀ ଉପଲକ୍ଷେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଆସନ୍ତା କାଲି ଗାନ୍ଧୀ ଜୟନ୍ତୀ । ଏହି ଉପଲକ୍ଷେ ମୁଁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ମହାତ୍ମା ଗାନ୍ଧୀ ଥିଲେ ସତ୍ୟ, ନ୍ୟାୟ ଓ ଅହିଂସାର ପ୍ରତୀକ, ଯାହାଙ୍କ ଜୀବନ ଦର୍ଶନ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି । ତାଙ୍କ ସ୍ୱଦେଶୀ ଓ ସ୍ୱଚ୍ଛତା ବିଚାର ଆଜି ବି ଆମ ଜୀବନ ଓ ସମାଜ ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଆସନ୍ତୁ, ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆତ୍ମନିର୍ଭର ଓ ସ୍ୱଚ୍ଛ ଭାରତ ଗଠନ ଦିଗରେ ସମସ୍ତେ ସମର୍ପିତ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/13/1198/2526





# ଯୁଗେ ଯୁଗେ ମା’ ଜଗଜ୍ଜନନୀ





ଜୀବଜଗତର ମଙ୍ଗଳକାରୀ ଭାବେ ଅଭିହିତ ବର୍ଷାଋତୁର ଧରାପୃଷ୍ଠରୁ ବିଦାୟ ନେବାର ଅନ୍ତିମ ମୁହୂର୍ତ୍ତ ଆସନ୍ନ । ଘନ ବାରିଦର ଆସ୍ତରଣ ଦୃଷ୍ଟିକୁ କରୁନାହିଁ ଆକର୍ଷଣ । ଆବର୍ତ୍ତକ, ସଂବର୍ତ୍ତକ, ଦ୍ରୋଣ, ପୁଷ୍କର ଆଦି ମେଘମାନଙ୍କ ରାଜୁତିର ହୋଇଛି ଅବସାନ । ସୁନାଶୀର ହସ୍ତରେ ସୁଶୋଭିତ ପରାକ୍ରମଶାଳୀ ବଜ୍ରର ବଜ୍ରନିର୍ଘୋଷସ୍ୱନ କ୍ରମେ ହେଲାଣି ଅନ୍ତଃସାରଶୂନ୍ୟ । ନଭୋମଣ୍ଡଳରେ ଧବଳ ବଉଦମାନ ହେଲେଣି ଚଳଚଞ୍ଚଳ । ତପନଙ୍କ ଅନୁପସ୍ଥିତିରେ ରାତ୍ରିର ଘନ ଅନ୍ଧକାର ମଧ୍ୟରେ ଆକାଶରୁ ଝରୁଥିବା ଶିଶିର ବିନ୍ଦୁମାନ ନବଦୁର୍ବାଦଳ ଉପରେ ଲେଖି ଚାଲିଛନ୍ତି ଶୁଭ୍ରଶରତର ଆଗମନର ବାର୍ତ୍ତା । ପାଦପମାନ ସବୁଜ ନବ ପଲ୍ଲବରେ ପଲ୍ଲବିତ । ଶସ୍ୟକ୍ଷେତ୍ରରେ ସବୁଜିମାର ରାଜୁତି । ପ୍ରକୃତି ପ୍ରାଣ ଉଲ୍ଲସିତ । ଇତର ପ୍ରାଣୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ମାନବର ତନୁମନ ପୁଲକିତ ।
ପ୍ରକୃତିର ଏସବୁ ମନୋରମ ରୂପ ସମ୍ଭାର ମଧ୍ୟରେ ଧରାବାସୀ ଆଜି ନିର୍ନିମେଷ ନୟନରେ ଚାହିଁ ରହିଛନ୍ତି ମା’ ତୋର ଆସିବା ବାଟକୁ । କେତେବେଳେ ହେବ ମା’ଙ୍କର ଆଗମନ । ଚର୍ମଚକ୍ଷୁ ହେବ ଧନ୍ୟ । ସନ୍ତାନର ମୁଖରୁ ନିଃସୃତ ମାତୃ ଆବାହନୀରେ ଗଗନ ପବନ ହେଲାଣି ମୁଖରିତ । ଧରଣୀରାଣୀ ବକ୍ଷରେ ଶୋଭାୟମାନ ସବୁଜ ଗାଲିଚା । ଆକାଶରେ ବଉଦର ଶୁଭ୍ର ଚନ୍ଦ୍ରାତପ । ଦେବୀ ମନ୍ଦିରରୁ ଭାସି ଆସୁଛି ପୂଜକ ମୁଖନିଃସୃତ ଓଁକାର ଧ୍ୱନି । ପୂଜାପୀଠ ମାନଙ୍କରେ ମୃଣ୍ମୟୀ ମୂର୍ତ୍ତିରେ ପ୍ରାଣ ସଂଚାର ଲାଗି ଆଚାର୍ଯ୍ୟ ମାନଙ୍କର ତତ୍ପରତା ହେଲାଣି ଦ୍ୱିଗୁଣିତ । ପୂର୍ବଦିବସରୁ ବିଲ୍ୱବୃକ୍ଷ ମୂଳରେ ମା’ ତୁମର ଆବାହନ ସହିତ ଅଧିବାସ କାର୍ଯ୍ୟ ହୋଇଛି ସମାପନ । ଶଙ୍ଖ, ଘ, ଘା, ଖୋଳ, କରତାଳ, ମର୍ଦ୍ଦଳ, ମହୁରୀ ନାଦରେ ଚତୁର୍ଦ୍ଦିଗ ହେଲାଣି ପ୍ରକମ୍ପିତ ।
ଆସ ମା’ ଓହ୍ଲାଇ ଆସ ଧରାକୁ । ବର୍ଷକରେ ଥରେ ତବ ରୂପ ଦର୍ଶନ ନିମନ୍ତେ ସନ୍ତାନଗଣ ହେଲେଣି ଉଦ୍‌ବିଗ୍ନ । ଏ ଶୁଭ୍ର ଶରତରେ ଅଳକାପୁରୀ ପରିତ୍ୟାଗ କରି ଆସ ମା’ ସନ୍ତାନ ନିକଟକୁ । ବିଜେ ହୁଅ ପୂଜା ମଣ୍ଡପରେ, ମୃଣ୍ମୟ ମୂର୍ତ୍ତି ମଧ୍ୟରେ । ତବ ରୂପ ସନ୍ଦର୍ଶନରେ ଏ ପ୍ରାଣ ହେଉ ଉଲ୍ଲସିତ । ତନୁମନ ହେଉ ପୁଲକିତ । ହେ ମା’ ତୁ ଯୁଗେ ଯୁଗେ ତୋର ସନ୍ତାନ ମାନଙ୍କର ସୁରକ୍ଷା ଲାଗି ସ୍ୱଧାମ କରିଛୁ ପରିତ୍ୟାଗ । ବିଭିନ୍ନ ରୂପରେ ହୋଇଛୁ ଅବତୀର୍ଣ୍ଣା । ଅରାତିମାନଙ୍କୁ କରିଛୁ ସଂହାର ।
ସତ୍ୟଯୁଗରେ ପ୍ରବଳ ପ୍ରତାପୀ ମହିଷାସୁରର ଦୌରାତ୍ମ୍ୟରୁ ସୁରଗଣଙ୍କୁ ରକ୍ଷା କରିବା ପାଇଁ ତୁ ସର୍ବ ଦେବଙ୍କ କ୍ରୋଧାଗ୍ନିର ଲେଲିହାନ ଶିଖା ମଧ୍ୟରୁ ହୋଇଥିଲୁ ପ୍ରକଟିତା । ସିଂହବାହିନୀ ଦେବୀ ଦଶଭୁଜା ରୂପରେ ଦେଇଥିଲୁ ଦର୍ଶନ । ଦେବତାମାନଙ୍କ ଦୁର୍ଗତି କାଳରେ ଆବିର୍ଭୂତା ହୋଇଥିବାରୁ ବ୍ରହ୍ମା ତୋର ନାମକରଣ କରିଥିଲେ ଦୁର୍ଗା । ଦଶଭୁଜରେ ଦେବତାମାନଙ୍କ ପ୍ରଦତ୍ତ ଦଶ ଆୟୁଧ ଧାରଣ କରି ତୁ ସାଜିଥିଲୁ ଉଗ୍ରମୂର୍ତ୍ତି । ସେନାପତି ଚଣ୍ଡ ମୁଣ୍ଡକୁ କରିଥିଲୁ ବିନାଶ । ମହିଷାସୁରକୁ ବଧ କରିବା ପାଇଁ ତଥା ଜଗତର ମଙ୍ଗଳ ନିମିତ୍ତ ତୁ ଶୂନ୍ୟବାଣୀକୁ ଅଙ୍ଗୀକାର କରି ହୋଇଥିଲୁ ବିବସନା । ସବୁଦୁଃଖ କଷ୍ଟକୁ ତୁ ଏକାକାର କରି ସନ୍ତାନର ମଙ୍ଗଳକୁ ଦେଇଛୁ ପ୍ରାଧାନ୍ୟ । ତୁ ମା’ କୌଶିକୀ ରୂପରେ ଶୁମ୍ଭ ନିଶୁମ୍ଭକୁ କରିଛୁ ନିଧନ । ରକ୍ତବୀର୍ଯ୍ୟକୁ ବିନାଶ କରିବାଲାଗି ତୁ ମା’ ତୋର ଶରୀରରୁ ପ୍ରତିରୂପ ସୃଷ୍ଟି କରି ତାର ରକ୍ତକୁ ଭୂମିରେ ନପକାଇ କରିଛୁ ଶୋଷଣ । ଫଳରେ ଦୁର୍ଦ୍ଦାନ୍ତ ରାକ୍ଷସ ରକ୍ତବୀର୍ଯ୍ୟର ହୋଇଛି ବିନାଶ ।
ସେହିପରି ମା’ ତ୍ରେତୟା ଯୁଗରେ ଲଙ୍କପତି ଦଶାନନର ନିଧନ ନିମିତ୍ତ ପ୍ରଭୁ ଶ୍ରୀରାମ କଲେ ଅକାଳରେ ବୋଧନ । ପ୍ରଭୁ ରଘୁପତିଙ୍କୁ ପରୀକ୍ଷା କରିବାଲାଗି ପୂଜା ନିମନ୍ତେ ଉଦ୍ଦିଷ୍ଟ ଅଷ୍ଟୋନ୍ନରଶତ ନୀଳକମଳରୁ ଏକ କମଳକୁ କଲୁ ମା’ ହରଣ । ଯେତେବେଳେ କମଳ ଗଣନାରେ ଏକ ନୀଳୋତ୍ପଳର ଅଭାବ ହେଲା ଦୃଷ୍ଟିଗୋଚର, ସେତେବେଳେ ରାଜୀବଲୋଚନ ନିଜ ଏକ ଚକ୍ଷୁର ଉତ୍ପାଟନ ନିମନ୍ତେ ହେଲେ ପ୍ରସ୍ତୁତ । ଠିକ ସେହି ସମୟରେ ମା’ ତୁ ଆବିର୍ଭୂତା ହୋଇ ଆଶୀର୍ବାଦ ଛଳରେ ଶ୍ରୀରାମଙ୍କ ବିଜୟ ପଥକୁ କରିଥିଲୁ କୁସୁମିତ । ଫଳସ୍ୱରୂପ ତୋର ଆଶିଷ ବଳରେ ସକଳ ଶାସ୍ତ୍ରରେ ପରିପୂର୍ଣ୍ଣ, ଦେବଜ୍ଞ ବ୍ରାହ୍ମଣ, ବିଶ୍ରବାନନ୍ଦନର ହେଲା ବିନାଶ ।
ଦ୍ୱାପର ଯୁଗରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଉପଦେଶାନୁସାରେ ଦେବକୀଙ୍କ ସପ୍ତମ ଗର୍ଭକୁ ତୁ ଆକର୍ଷଣ କରି ରୋହିଣୀଙ୍କ ଗର୍ଭରେ କରିଥିଲୁ ସ୍ଥାପନ । କେବଳ ସେତିକି ନୁହେଁ ମା’ ତୁ ମଧ୍ୟ ଯଶୋଦାଙ୍କ ଗର୍ଭରୁ ଜନ୍ମନେଇ କଂସାସୁର ଦର୍ପଣ ଶିଳାରେ କଚାଡିବା ସମୟରେ ତା ହାତରୁ ଖସିଯାଇ ତାକୁ କହିଥିଲୁ ତାର ମରଣର କାରଣ । ଶୂନ୍ୟରେ ଅବସ୍ଥାନ କରି ତୋର କରାଳ ରୂପ କରିଥିଲୁ ପ୍ରଦର୍ଶନ । ତୋର ସେହି ରୂପ ସନ୍ଦର୍ଶନରେ ଦ୍ରୁମିଳ ନନ୍ଦନ କଂସ ହୋଇଥିଲା ଭୟରେ ଆଚ୍ଛନ୍ନ ।
ଏ କଳିଯୁଗରେ ତୁ ମା’ ସନ୍ତାନର ମଙ୍ଗଳ ବିଧାନ ଲାଗି ଗ୍ରାମଦେବତୀ ରୂପେ ଗ୍ରାମେ ଗ୍ରାମେ କରିଛୁ ଅବସ୍ଥାନ । ବିଭିନ୍ନ ଶକ୍ତିପୀଠ ମାନଙ୍କରେ ତୁ ମା’ ବିରାଜମାନ କରି ଅନାୟାସରେ ଅକୁଣ୍ଠିତ ଚିତ୍ତରେ କରୁଛୁ ମା ’କୃପାବର୍ଷଣ । ହେ ମା’ ଶକ୍ତିମୟୀ ! ତୋର ପୂଜା ଲାଗି ଆଜି ଶକ୍ତିପୀଠମାନ ହେଲାଣି ଚଳଚଞ୍ଚଳ । ଭାସିଆସୁଛି ସପ୍ତସତୀ ଚଣ୍ଡୀର ଶ୍ଳୋକମାନ ମୃଦୁମନ୍ଦ ସମୀରଣରେ । ସନ୍ତାନଗଣ ଆକୁଳିତ ଚିତ୍ତରେ ତୋର ଦର୍ଶନ ଲାଗି ଉତ୍କଣ୍ଠିତ । କେଉଁଠି ତୁ ସପ୍ତ ମାତୃକା ଭାବରେ ଯଥା-ବ୍ରାହ୍ମୀ, ମାହେଶ୍ୱରୀ, ଇନ୍ଦ୍ରାଣୀ, ବାରାହୀ, କୌମାରୀ, ଚାମୁଣ୍ଡା ଓ ବୈଷ୍ଣବୀ ଭାବରେ ହେଉଛୁ ପୂଜିତା ତ କେଉଁ ସ୍ଥାନରେ ନବଦୁର୍ଗା ଯଥା- ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତାୟନୀ, କାଳରାତ୍ରୀ, ମହାଗୌରୀ, ସିଦ୍ଧିଦାତ୍ରୀ ରୂପରେ ହେଉଛୁ ଉପାସିତା । କେଉଁ ଭକ୍ତ ତୋତେ ଦଶମହାବିଦ୍ୟା ଯଥା- କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳା, ମାତଙ୍ଗୀ, କମଳା ଭାବରେ କରୁଛି ଆବାହନ ତ ଆଉ କେଉଁମାନେ ବ୍ୟାକୁଳିତ ଚିତ୍ତରେ ଅପେକ୍ଷାରତ ତୋର ସିଂହବାହିନୀ ରୂପକୁ କରିବାକୁ ଦର୍ଶନ, ଯେଉଁ ରୂପରେ ତୁ ମହିଷାସୁରକୁ କରିଥିଲୁ ନିଧନ ।



ଆଜି ମା’ ତୋର ଅନୁପସ୍ଥିତିରେ ଏହି ଧରାରେ କେତେ ଯେ ମହିଷାସୁର ସୃଷ୍ଟି ହେଲେଣି ତାର ଆକଳନ ସମ୍ଭବ ହେଉନାହିଁ । ମଣିଷ ଶରୀର ଧାରଣକରି ମହିଷା ପ୍ରାୟ କରୁଛନ୍ତି ଆଚରଣ । ଚୋରୀ, ଲୁଣ୍ଠନ, ଦୁଷ୍କର୍ମ ଆଦି ଅପରାଧରେ ସେମାନେ ଆଜି ଲିପ୍ତ । ଈଶ୍ୱରଙ୍କ ଅନୁପମ ସୃଷ୍ଟି ନାରୀର ସମ୍ମାନ ଆଜି ଭୂଲୁଣ୍ଠିତ । କାମାନ୍ଧମାନଙ୍କ ପ୍ରାଦୁର୍ଭାବରେ ନାରୀ ସମାଜ ଆଜି ଆତଙ୍କିତ । ଏଥିସହିତ ଆଉ କିଛି ବ୍ୟକ୍ତି ନିଜର ଅହଂକାର, ଦର୍ପ ଓ କ୍ଷମତାରେ ଅନ୍ଧ ହୋଇ ଯୁଦ୍ଧରେ ହେଉଛନ୍ତ ମଗ୍ନ । କମାଣର ଗର୍ଜନ, ଘନ ଘନ କ୍ଷେପଣାସ୍ତ୍ର ବିସ୍ଫୋରଣ ଏବଂ ଡ୍ରୋନ ଆକ୍ରମଣରେ ଆଜି ଆତଙ୍କିତ ଧରାବାସୀ । ତେଣୁ ହେ ମା’ ଆସ ଅବତରୀ ଏ ଧରାଧାମକୁ । ଦଶ ଭୁଜରେ ଦଶ ପ୍ରହରଣ କର ମା’ ଧାରଣ । ତବ ହସ୍ତରେ ଶୋଭାପାଉ ସେହି ତ୍ରିଶୂଳ ଯାହା ବିଦ୍ଧ କରିଥିଲା ମହିଷାସୁରର ବକ୍ଷ ଦେଶ । ତବ ଉଗ୍ରରୂପ ହେଉ ପ୍ରକାଶିତ । ସେହି ମାନବ ରୂପୀ ମହିଷାଙ୍କର ଦର୍ପ ହେଉ ଚୂର୍ଣ୍ଣ । ବିନାଶ କର ମା ସେମାନଙ୍କ ମନ ମଧ୍ୟରେ ଥିବା ପୈଶାଚିକ ମନୋବୃତ୍ତିକୁ । ଯୁଦ୍ଧ ଆତଙ୍କର ହେଉ ଅବସାନ । ସମସ୍ତଙ୍କ ଅନ୍ତରରେ ବିରାଜମାନ କରୁ ସତ୍ୟ, ଶାନ୍ତି, ଦୟା, କ୍ଷମା, ତିତିକ୍ଷା ଓ ଉଦାରତା । ପ୍ରତି କର୍ଣ୍ଣରେ ପ୍ରତିଧ୍ୱନିତ ହେଉ ମାନବିକତାର ମୋହନବଂଶୀ ସ୍ୱନ । ତବ କୃପାରେ ପ୍ରତିଟି ସନ୍ତାପିତ ହୃଦୟରେ ପ୍ରବହମାନ ହେଉ ଅମୃତର ଅଳକାନନ୍ଦା । ସଭି ମଥା ଉପରେ ଝରିପଡୁ ତବ ଆଶିଷ ଧାରା । ବସୁଧୈବ କୁଟୁମ୍ବକମ୍ ବାଣୀ ନିଃସୃତ ହେଉ ପ୍ରତିଟି କଣ୍ଠରୁ । ଏତିକି ପ୍ରାର୍ଥନା ଘେନାକର ମା’ ଜଗଜ୍ଜନନୀ ଦେବୀ ଭବାନୀ ।

**ଅନନ୍ତ ଗୋପାଳ ପଣ୍ଡା, ଶ୍ରୀକ୍ଷେତ୍ରବିହାର**
**ଆଇଗିଣିଆ, ଭୁବନେଶ୍ୱର-୧୯, ମୋ-୯୮୬୧୪୭୦୧୯୮**



# ଲାଲ ବାହାଦୂର ଶାସ୍ତ୍ରୀ

ନିଜର ସଙ୍କୋଟପଣିଆ ଓ ବିନମ୍ରତା ପାଇଁ ସମଗ୍ର ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ଲାଲ ବାହାଦୂର ଶାସ୍ତ୍ରୀ । ୧୯୦୪ ମସିହା ଅକ୍ଟୋବର ୨ ତାରିଖରେ ଉତ୍ତର ପ୍ରଦେଶର ‘ମୋଗଲସରାଇ’ରେ ଜନ୍ମ ଗ୍ରହଣ କରିଥିଲେ ଲାଲ ବାହାଦୂର ଶାସ୍ତ୍ରୀ । ନିଜର କୁଶଳ ନେତୃତ୍ୱ ଏବଂ ଜନକଲ୍ୟାଣକାରୀ ବିଚାର ପାଇଁ ସେ ବେଶ୍ ପରିଚିତ । ଛୋଟ ଜୀବନରୁ ତାଙ୍କୁ ଅନେକ ସଂଘର୍ଷ କରିବାକୁ ପଡିଥିଲା । ମାତ୍ର ୧୬ ବର୍ଷ ବୟସରେ ସେ ମହାତ୍ମା ଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନରେ ଭାଗ ନେଇଥିଲେ । ସେ ଥିଲେ ସ୍ୱାଧୀନ ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ । ଜଣେ ସଚ୍ଚା ନେତାଭାବେ ସେ ସବୁବେଳେ ଦେଶବାସୀଙ୍କ ପାଖରେ ବେଶ ଲୋକପ୍ରିୟ । ଶାସ୍ତ୍ରୀଜି ଦେଶର ପ୍ରଧାନମନ୍ତ୍ରୀ ଥିବାବେଳେ ପାକିସ୍ତାନ ସହ ଯୁଦ୍ଧଲଢି ଭାରତ ନିଜର ପରାକ୍ରମ ଦେଖେଇଥିଲା । ସେ ଦେଶର କୃଷକ ଓ ଶ୍ରମିକମାନଙ୍କର ନେତା ଭାବରେ ମଧ୍ୟ ଜଣାଶୁଣା । ତାଙ୍କର ସ୍ଲୋଗାନ ଥିଲା ଜୟ ଜବାନ, ଜୟ କିଷାନ । ପଣ୍ଡିତ ଜବାହରଲାଲ ନେହେରୁଙ୍କ ମୃତ୍ୟୁପରେ ୧୯୬୧ ମସିହା ଜୁନ ୯ରେ ଲାଲ ବାହାଦୂର ଶାସ୍ତ୍ରୀ ଦେଶର ପ୍ରଧାନମନ୍ତ୍ରୀ ହୋଇଥିଲେ । ତାଙ୍କର ସ୍ୱଳ୍ପ କାର୍ଯ୍ୟକାଳ ଭିତରେ ସେ ଅନେକ ବାଧା ବିଘ୍ନର ସମ୍ମୁଖୀନ ହୋଇ ଦେଶବାସୀଙ୍କର ସେବା କରିଥିଲେ । ତାଙ୍କୁ ଶାନ୍ତି ଦୂତର ଆଖ୍ୟା ମଧ୍ୟ ଦିଆଯାଇଥାଏ । ୧୯୬୬ ମସିହା ଜାନୁଆରୀ ୧୧ ତାରିଖରେ ଏହି ମହାନ ଜନନାୟକଙ୍କର ବିଦେଶରେ ମୃତ୍ୟୁ ହୋଇଥିଲା । ତାଙ୍କ ଅବର୍ତ୍ତମାନରେ ଦେଶର ରାଜନୀତିରେ ଏକ ଅପୂରଣୀୟ କ୍ଷତି ସୃଷ୍ଟି ହୋଇଥିଲା ।

# ‘ମହାତ୍ମାଙ୍କ କଥା ଶୁଣ’




ଭାଇମାନେ, ଯେ ମହାତ୍ମା ଗାନ୍ଧିଙ୍କୁ ଆପଣମାନେ ଦେଖିବେ ବୋଲି ଏତେଦିନ ବ୍ୟାକୁଳ ହେଉଥିଲେ ସେ ଆଜି ଆପଣମାନଙ୍କ ସମ୍ମୁଖରେ ବିଦ୍ୟମାନ । ସେ ଭାରତର ଘରେ ଘରେ, ଗ୍ରାମେ ଗ୍ରାମେ ଆବାଳବୃଦ୍ଧବନିତାଙ୍କ ନିକଟରେ ପରିଚିତ । ଅତଏବ ତାଙ୍କର ପରିଚୟ ଦେଇ ସଭାର ବିଧି ରକ୍ଷା କରିବା ମୋ ପକ୍ଷରେ ବିଡ଼ମ୍ବନା ମାତ୍ର । ଉତ୍କଳରେ ପ୍ରତ୍ୟେକ ସ୍ତ୍ରୀ ପୁରୁଷ ଏହି ମହାପୁରୁଷଙ୍କୁ ଜାଣନ୍ତି । ରାଜନୀତି କ୍ଷେତ୍ରରେ ଉତ୍କଳ ଭାରତରେ ଆଶାନୁରୂପ ଅଗ୍ରସର ହୋଇନାହିଁ । କିନ୍ତୁ ଧର୍ମ ବିଷୟରେ ଏହା ଅଗ୍ରସ୍ଥାନ ଚିରକାଳରୁ ପାଇଆସୁଅଛି । ଏ ପର୍ଯ୍ୟନ୍ତ ଯେ ସମସ୍ତ ମହାପୁରୁଷ ଭାରତରେ ଜନ୍ମଗ୍ରହଣ କରି ନିଜର କୀର୍ତ୍ତି ଏ ପୂଣ୍ୟଭୂମିରେ ଛାଡ଼ି ଯାଇଅଛନ୍ତି, ସେମାନେ ସମସ୍ତେ ଉତ୍କଳରେ ପଦାର୍ପଣ କରିଯାଇଅଛନ୍ତି । ବୁଦ୍ଧଦେବଙ୍କ ଠାରୁ ଆରମ୍ଭ କରି କବିର, ରାମାନୁଜ, ଶଙ୍କର, ନାନକ, ଚୈତନ୍ୟ ପ୍ରଭୃତି ଯେ ସମସ୍ତ କ୍ଷଣଜନ୍ମ ଏ ପବିତ୍ର ଭାରତରେ ଜନ୍ମଗ୍ରହଣ କରିଥିଲେ, ସମସ୍ତେ ଉତ୍କଳରେ ନିଜର ଚିହ୍ନ ରଖିଯାଇଛନ୍ତି । ଆହୁରି ମଧ୍ୟ ଆଜକୁ ପ୍ରାୟ ତିନିଶହ ବର୍ଷ ତଳେ ଠିକ୍ ଆଜିର ଦୋଳପୂର୍ଣ୍ଣିମା ତିଥିରେ ଚୈତନ୍ୟ ମହାପ୍ରଭୁ ଏହି ନଦୀର ବାଲୁକାରେ ପ୍ରେମଧର୍ମ ପ୍ରଚାର କରିଥିଲେ । ଆଜି ଅନ୍ୟଜଣେ ମହାପୁରୁଷ ପୁଣି ତିନିଶହ ବର୍ଷ ପରେ ଏହି ବାଲୁକାରେ ସେହି ତିଥିରେ ରାଜନୀତିକ ପ୍ରେମଧର୍ମ ପ୍ରଚାର କରିବାକୁ ଆସିଛନ୍ତି ।
ଆମ୍ଭର ଉତ୍କଳ ଧର୍ମ ନିମିତ୍ତ ଯୁଗେ ଯୁଗେ ପ୍ରତିଷ୍ଠା ପାଇଅଛି । ଆଜି ପୁଣି ଏହି ମହାତ୍ମାଙ୍କ ଯୋଗୁଁ ରାଜନୀତି ପୁଣି ଧର୍ମ ଉପରେ ପ୍ରତିଷ୍ଠିତ । ଏହି ଧର୍ମାତ୍ମା ଓ ପୂଣ୍ୟାତ୍ମାଙ୍କ ରାଜନୀତିରେ କୂଟ ରାଜନୀତିର ସତ୍ତା ନାହିଁ । ତାଙ୍କ ପ୍ରଚାରିତ ଭାରତବାସୀଙ୍କ ଦ୍ୱାରା ଗୃହୀତ ନୀତିକୁ ଆପଣମାନେ ମନସ୍ଥ ହୋଇ ଅନୁସରଣ କରିବାକୁ ଉପସ୍ଥିତ । ଉତ୍କଳ ଯୁଗେ ଯୁଗେ ଉଦାରତା ଦେଖାଇଛି । ନାନା ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟର ଲୋକେ ଉତ୍କଳରେ ଏକୀଭୂତ । ପୁରୀ ଧାମରେ ଜାତିଭେଦ ନାହିଁ । ଆଜି ମହାତ୍ମା ଗାନ୍ଧିଙ୍କ ଶୁଭାଗମନ ଉତ୍କଳ ଇତିହାସରେ ଏକ ନୂତନ ଓ ଚିରସ୍ମରଣୀୟ ଘଟଣା ।

**ପ୍ରଫେସର ଉପେନ୍ଦ୍ର ପାଢ଼ୀଙ୍କ ପୁସ୍ତକ ‘ମହାତ୍ମା’ରେ ପ୍ରଥମ ପୃଷ୍ଠାରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଦ୍ୱାରା ଲିଖିତ ‘ମହାତ୍ମାଙ୍କ କଥାଶୁଣ’ ପ୍ରବନ୍ଧରୁ କିୟଦଂଶ ।**

R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୩୫୪
ତିଥି : ନବମୀ
୦୧ ଅକ୍ଟୋବର ୨୦୨୫, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦


# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 354
01 October 2025, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur





## ୫୪ ଲକ୍ଷ ୫୧ ହଜାର ଟଙ୍କାର ବାଣ ଜବତ


ଭୁବନେଶ୍ୱର, ୩୦ ।୯ (ସବ୍ୟୁ) : ରାଜ୍ୟ ପୋଲିସ ପକ୍ଷରୁ ଜାରି ହୋଇଥିବା ଅପରେସନ ଅଗ୍ନି ମାଧ୍ୟମରେ ୭ ଜିଲ୍ଲାରୁ ୩୩ଜଣ ଗିରଫ ହୋଇଥିବା ବେଳେ ୫୫ଟି ମାମଲା ହୋଇଥିବା ସୂଚନା ମିଳିଛି । ୫୪ଲକ୍ଷ ୫୧ହଜାର ଟଙ୍କାର ବାଣ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି । ୧୮ ଜଣଙ୍କୁ ନୋଟିସ୍ ହୋଇଥିବା ବେଳେ ୪ଜଣ ଫେରାର ହୋଇଯାଇଛନ୍ତି ।

କଟକ ଜିଲ୍ଲାରେ ୧୫ ମାମଲା ହୋଇଥିବା ବେଳେ ୧୦ଜଣ ଗିରଫ ହୋଇଥିବାବେଳେ ଯାଜପୁରରେ ୫ ଲକ୍ଷ ୨୭ ହଜାର ଟଙ୍କାର ବାଣ ଜବତ ହୋଇଛି । ନୟାଗଡରେ ୨ ଲକ୍ଷ ୬୮ ହଜାର ୮୦୦ ଟଙ୍କାର ବାଣ ଜବତ ହୋଇଥିବାବେଳେ ପୁରୀରେ ୩ ଲକ୍ଷ ୫୫ ହଜାର, ଜଗତସିଂହପୁରରେ ୨୦ ଲକ୍ଷ ୩୦ ହଜାର, କେନ୍ଦ୍ରାପଡାରେ ୧୭ ଲକ୍ଷ ୫୩ ହଜାର, ଖୋର୍ଦ୍ଧାରେ ୭୮ ହଜାର ଟଙ୍କାର ବାଣ ଜବତ କରାଯାଇଛି । ଅପରେସନ୍ ଅଗ୍ନି ଜରିଆରେ ଏଡି ଚଢ଼ାଉ ରାଜ୍ୟବ୍ୟାପୀ ଚାଲିଥିଲା । ଡିଜିପି ଯୋଗେଶ ବାହାଦୂର ଖୁରାନିଆଙ୍କ ନିର୍ଦ୍ଦେଶରେ ଅପରେସନ୍ ଚାଲିଥିଲା ।









ଅଭିନନ୍ଦନ

Happy Durga Puja

ସମୟର ୨୯ ତମ ସ୍ୱନକ୍ଷତ୍ର ଓ ଦୁର୍ଗାପୂଜା ଅବସରରେ ତାଳଚେର ଭାଇ, ଭଉଣୀ ଓ ଗୁରୁଜନମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ସହ ଶୁଭ କାମନା ।

Dr. DEBENDRA SINGH
PRESIDENT
Public Department
ODISHA STATE BOARD
Mob: +91 9437157454

EMPOWER HUMAN
INTERNATIONAL HUMAN RIGHTS COUNCIL
इंटरनेशनल ह्युमान राइट्स काउंसिल
EMAIL: PRESIDENTIHRCTALCHER@GMAIL.COM
WWW.IHRC.IN



Happy Navratri



ଅଭିନନ୍ଦନ

ଦୈନିକ 'ସମୟ'ର 29ତମ ସ୍ୱନକ୍ଷତ୍ର ତଥା ପବିତ୍ର ଦୁର୍ଗାପୂଜା ଅବସରରେ ଅଞ୍ଚଳବାସୀ ଏବଂ ଖଣି ତାଳଚେର ଅଞ୍ଚଳବ ଖାଦାନରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ।

ରାଜକିଶୋର ସାହୁ
ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ, କାର୍ଯ୍ୟକାରିଣୀ ସଦସ୍ୟ
ପ୍ରଦେଶ କଂଗ୍ରେସ କମିଟି,ଓଡ଼ିଶା



ଅଭିନନ୍ଦନ

ସମୟର 29ତମ ସ୍ୱନକ୍ଷତ୍ର ତଥା ଦୁର୍ଗାପୂଜା ଉପଲକ୍ଷେ ତାଳଚେର, ପାଲଲହଡ଼ା ତଥା ଓଡ଼ିଶାର ସମସ୍ତ ଭାଇଭଉଣୀ ଓ ଗୁରୁଜନମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା।

ରବି ନାରାୟଣ ପାଣି
ପୂର୍ବତନ ଦେବଗଡ଼ ସାଂସଦ, ବିଧାୟକ ପାଲଲହଡ଼ା ତଥା ରାଜ୍ୟ ମୁଖ୍ୟ ସଚେତକ



ଶୁଭେଚ୍ଛା ବାର୍ତ୍ତା

ଦୈନିକ 'ସମୟ'ର 29ତମ ସ୍ୱନକ୍ଷତ୍ର ତଥା ପବିତ୍ର ଦୁର୍ଗାପୂଜା ଅବସରରେ ମୋର ସମସ୍ତ ଭାଇ ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।

ଶ୍ରୀମତୀ ଦମୟନ୍ତୀ ଦାସ
ସମାଜସେବୀ, ତାଳଚେର



ଅଭିନନ୍ଦନ

ଇଂ. ମନୋଜ କୁମାର ପ୍ରଧାନ
ଅନୁଗୁଳ ଜିଲ୍ଲା ବିଜେପି ଉପସଭାପତି ଏବଂ ସଭାପତି, ତାଳଚେର ଶିଳ୍ପାଞ୍ଚଳ ଶ୍ରମିକ ସଂଘ



ଅଭିନନ୍ଦନ

ପବିତ୍ର ଦୁର୍ଗାପୂଜା ଏବଂ 'ସମୟ'ର 29ତମ ସ୍ୱନକ୍ଷତ୍ର ଅବସରରେ ତାଳଚେରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା।

କ୍ରିଷ୍ଣା କ୍ଲିନିକ୍ ଓ ନର୍ସିଂହୋମ୍
Regd No. 363/2004
Balhar Chhak, Santhapada, Talcher

ADVANCE CENTRE OF SURGERY, GYNECOLOGY, ORTHOPAEDIC, LAPAROSCOPY, UROLOGY

FACILITIES
- 24 HRS. SERVICE
- IN & OUT DOOR
- A/C & NON-A/C CABIN
- GENERAL WARD
- ULTRASONOGRAPHY
- 4D SONOGRAPHY
- COLOUR DOPPLER (Carotid, Peripheral Etc.)
- DIGITAL X-RAY
- COMPUTERISE E.C.G. 12 CHANNEL
- COLOUR VIDEO ENDOSCOPY
- PATHOLOGY LABORATORY
- 24 X 7 AMBULANCE SERVICE

ଏଠାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡରେ ଚିକିତ୍ସା କରାଯାଏ।



ଅଭିନନ୍ଦନ

ତାଳଚେର ବସ୍ ମାଲିକ ସଂଘ

ପବିତ୍ର ଦୁର୍ଗାପୂଜା ଓ ଦୈନିକ 'ସମୟ'ର ୨୯ତମ ସ୍ୱନକ୍ଷତ୍ର ଅବସରରେ ସମସ୍ତ ବସ୍ ମାଲିକ ଏବଂ ଅଗଣିତ ବସ୍‌ଯାତ୍ରୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା । ଆପଣମାନଙ୍କ ଗନ୍ତବ୍ୟ ପଥ କୁସୁମିତ ହେଉ । ଏହାହିଁ ଭଗବାନଙ୍କ ନିକଟରେ ପ୍ରାର୍ଥନା ।

ସଭାପତି – ଶ୍ରୀକାନ୍ତ କୁମାର ପାଣି
କୋଷାଧ୍ୟକ୍ଷ – ମଦନମୋହନ ମହାନ୍ତି
ସାଧାରଣ ସମ୍ପାଦକ – ସୁରେନ୍ଦ୍ର ଚନ୍ଦ୍ର ସାହୁ



PMIT
Moulding Careers, Making Futures

PABITRA MOHAN INSTITUTE OF TECHNOLOGY

An enterprises of Vikash foundation Trust Deendayal Nagar, Dharampur, Talcher, Angul, Odisha,
Ph.- 06760-211124 email.pmit.orissa@gmail.com



GSTIN: 21FNGPS9016A1Z9
Mob:- 9937780555
7008714102

BISWAJIT SAHOO
AT: LINGARAJ ROAD, (NEAR SAI MANDIR)
TALCHER, DIST- ANGUL
Deals in:- Cement, Rod, Steel & Febrication
Wholesale Dealer-
Dalmia, Tata TISCON, Shyam Steel, Everest, Berger Paints & Ultratech, Jindal Cement
ROD- Titan, Captain, Rustguard & Super Shakti & Welding Works, Door, Window, Gate & Other Materials



With Best Compliments From :
Phone: 41781- 42625(O)
40481- 42601 (R)
Mobile: 9437041481, 99370-41481

Bidyut Kumar Ghosh
CORPORATE CLUB MEMBER AGENT
M.D.R.T. MEMBER (U.S.A.)
Life Insurance Corporation of India
Office : Lingaraj OCP Road, Talcher, Dist.- Angul, Odisha



DHARITRI JEWELLERS
22CT. GOLD ORNAMENTS & SELVER FILIGREE
BUXI BAZAR, BAROPATHAR CUTTACK-1- PH: 0671-2431082
HATATOTA, TALCHER PH: (06760) 241281



Manas Mahapatra
Mob:-9861184726,9438569848

CHANCHALA ALANKAR
(916 Hallmark Gold Ornaments & Silver Ornaments)
Sharma Chhak, Talcher-759100
Dist- Angul (Odisha)



ଶୁଭେଚ୍ଛା ବାର୍ତ୍ତା

'ସମୟ'ର ୨୯ତମ ସ୍ୱନକ୍ଷତ୍ର ତଥା ଦୁର୍ଗାପୂଜା ଉପଲକ୍ଷେ

ଓଡ଼ିଶା କୋଲିଆରି ମଜଦୁର ସଂଘ
(ଆଇ.ଏନ୍.ଟି.ୟୁ.ସି.)
(ରେଜିଷ୍ଟ୍ରେସନ୍ ନଂ. ୨୯୭, ଆଫିଲିଏସନ ନଂ. ୫୩୯୭)
ସାଉଥ୍‌ବଲଣ୍ଡା : ୭୫୯୧୧୬, ଜିଲ୍ଲା– ଅନୁଗୁଳ

ଓଡ଼ିଶାର କୋଇଲା ଖଣିରେ କାର୍ଯ୍ୟରତ ସମସ୍ତ ଶ୍ରମିକ ଓ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ ।

ଶ୍ରୀଯୁକ୍ତ ସୌଭାଗ୍ୟ ଚନ୍ଦ୍ର ପ୍ରଧାନ – ସାଧାରଣ ସମ୍ପାଦକ
ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ପଟେଲ – ସଭାପତି



ଶୁଭେଚ୍ଛା ବାର୍ତ୍ତା

ଦୈନିକ 'ସମୟ'ର ୨୯ତମ ସ୍ୱନକ୍ଷତ୍ର ତଥା ଦୁର୍ଗାପୂଜା ଅବସରରେ ମୋର ସମସ୍ତ ଭାଇ ଓ ଭଉଣୀମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ସହ ଶୁଭ କାମନା ।

ବାଲ୍ମୀକି ପ୍ରସାଦ କେଶରୀ
ପୂର୍ବତନ କାଉନ୍‌ସିଲର, ତାଳଚେର ପୌର ପରିଷଦ



ଅଭିନନ୍ଦନ ବାର୍ତ୍ତା

'ସମୟ'ର ୨୯ତମ ସ୍ୱନକ୍ଷତ୍ର ତଥା ପବିତ୍ର ଦୁର୍ଗାପୂଜା ଉପଲକ୍ଷେ ତାଳଚେର ସହରବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭ କାମନା ।

ଆସିଫ୍ ଖାନ୍ (ଲଡୁ)
ବିଜୁ ଜନତା ଦଳର ତାଳଚେର ନଗର କମିଟି ସଭାପତି ତଥା
କାଉନ୍‌ସିଲର, ତାଳଚେର ପୌର ପରିଷଦ

# ବିସ୍ଫୋରକ ସହ ବନ୍ଧୁକ ଜବତ କଲେ ସୁରକ୍ଷାକର୍ମୀ

ମାଲକାନଗିରି,(ସବ୍ୟୁ): ସୀମାନ୍ତ ଛତିଶଗଡରେ ମାଓ ଦମନ ଅଭିଯାନ ଜୋରସୋରେ ଚାଲିଛି। ଲଗାତାର ଅପରେସନରେ ନକ୍ସଲ ଧରାଶାୟୀ ହେବା ସହ ମାଓବାଦୀ ଲୁଚାଇ ରଖିଥିବା ସମସ୍ତ ଡମ୍ପକୁ ଯବାନ ଉଦ୍ଧାର କରି ଚାଲିଛନ୍ତି। ଏହି କ୍ରମରେ ଆଜି ପୁଣି ନାରାୟଣପୁର ଜିଲ୍ଲାର ଆବୁଝମାଡ ଜଂଗଲରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ଏକ ଡମ୍ପକୁ ଉଦ୍ଧାର କରିଛନ୍ତି। ଧନୋରା ଥାନା ଅନ୍ତର୍ଗତ ମୋହନାର ଓ ତୋୟାପାରା ମଧ୍ୟରେ ରହିଥିବା ଜଂଗଲରେ ଏହି ଡମ୍ପକୁ ଉଦ୍ଧାର କରିଛନ୍ତି ସୁରକ୍ଷାକର୍ମୀ। ଏହି ଡମ୍ପରୁ ପ୍ରେସର ବୋମା,ବନ୍ଧୁକ,ବିଦ୍ୟୁତ ତାର,ବାରୁଦ ଭଳି ବିସ୍ଫୋରକ ଜବତ କରାଯାଇଛି। ପୁଲିସ ଏବଂ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରିବା ପାଇଁ ମାଓବାଦୀ ଏଠାରେ ଲୁଚାଇ ରଖିଥିବା ପୁଲିସ କହିଛି। ଏହି ଚଢାଉରେ ଆଇଟିବିପି ଯବାନ ଏବଂ ଜିଲ୍ଲା ପୁଲିସ ସାମିଲ ଥିଲେ।

## ୩୦ଗ୍ରାମ ବ୍ରାଉନସୁଗର ସହ ୨ ଗିରଫ

ସମ୍ବଲପୁର, (ସବ୍ୟୁ) : ବେଆଇନ ବ୍ରାଉନ ସୁଗର କାରବାର ବେଳେ ସଦର ଥାନା ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକଙ୍କ ଠାରୁ ୩୦ ଗ୍ରାମ ବ୍ରାଉନ ସୁଗର , ୨ଟି ମୋବାଇଲ ଫୋନ ଓ ୪୫୦ଟଙ୍କା ଜବତ ହୋଇଛି । ଏନେଇ ୨୯୪/୨୫ରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ, ଏକ ବିଶ୍ୱସ୍ତ ଖବର ପାଇ ସଦର ଥାନା ପୋଲିସ ଧନକଉଡ଼ା ନିକଟରେ ଶାନ୍ତିନଗର ଅଞ୍ଚଳର ରବି ମୁଣ୍ଡା(୨୨) ଓ ସଦାଶିବ ଛତ୍ରିଆ(୨୩)ଙ୍କୁ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚବେଳେ ଉପରୋକ୍ତ ନିଶା ସାମଗ୍ରୀ ଜବତ ହୋଇଛି। ଏହାପୂର୍ବରୁ ଗତ ୨୭ତାରିଖରେ ଟାଉନ ଥାନା ପୋଲିସ ଆମ୍ବେଦନଗର ଅଞ୍ଚଳରୁ ଦଲେଇପଡ଼ାର ସବିର ଖାନଙ୍କ ଠାରୁ ୧୨.୨ଗ୍ରାମ ବ୍ରାଉନ ସୁଗର ଜବତ କରିଥିଲା । ସେହିପରି ଗତ ୧୨ତାରିଖରେ ମୁଦିପଡା ଅଞ୍ଚଳରୁ ୧୯.୯ ଗ୍ରାମ ବ୍ରାଉନ ସୁଗର ସହ ୪ଜଣଙ୍କୁ ପୋଲିସ ଗିରଫ କରିଥିଲା।

## ମରଶରୀର ଦାନ କଲେ ଦିୱାନୀ ବେନ ପଟେଲ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସହର ସାନସଡ଼କ ଅଞ୍ଚଳର ଦିୱାନୀ ବେନ ପଟେଲଙ୍କ ମୃତ୍ୟୁ ହୋଇଯାଇଛି । ମୃତ୍ୟୁପରେ ତାଙ୍କ ସମ୍ପୂର୍ଣ୍ଣ ମର ଶରୀରକୁ ଡାକ୍ତରୀ ଛାତ୍ରଙ୍କ ଶିକ୍ଷା ପାଇଁ ଭିମସାର ଅନାଟମୀ ବିଭାଗକୁ ଦାନ କରାଯାଇଛି । ପୂର୍ବରୁ ସେ ସଂପୂର୍ଣ୍ଣ ଶରୀର ଦାନ କରିବା ପାଇଁ ସ୍ୱେଚ୍ଛାସେବୀ ସଙ୍ଗଠନ ଉତ୍ସର୍ଗ ମାଧ୍ୟମରେ ଇଚ୍ଛାପତ୍ର ସ୍ୱାକ୍ଷର କରିଥିଲେ । ଶରୀର ହସ୍ତାନ୍ତର ସମୟରେ ପରିବାରର ମୟୂର କୁମାର ପଟେଲ, ପାରସ ପଟେଲ, ରୀନା ପଟେଲ, କୀର୍ତ୍ତି ପଟେଲ, ଝିଲ ପଟେଲ ଓ ଗିରୀଶ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ଉତ୍ସର୍ଗ ଅନୁଷ୍ଠାନର ପ୍ରଶାନ୍ତ ପାଢୀଯୋଶୀ, ସହ ସଂଯୋଜକରଜନୀ ନାଗ ଓ ପ୍ରବୀଣ ଦିକ୍ଷିତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।








































## ମାନବିକତା ଦେଖାଇଲା ଟାଉନ ପୋଲିସ
# ୨୦ ମୋବାଇଲ ଜବତ,୪ଜଣଙ୍କୁ ଫେରସ୍ତ

ଢେଙ୍କାନାଳ ,(ସବ୍ୟୁ) :ଢେଙ୍କାନାଳ ଟାଉନ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେଚଢାଉ କରାଯାଇ ୨୦ ଟି ମୋବାଇଲ ଜବତ କରାଯାଇଥିବା ବେଳେ ୪ ଜଣଙ୍କୁ ପୋଲିସ ମୋବଇଲ ଫେରସ୍ତ କରିଥିବାର ଜଣାପଡିଛି।



ବର୍ତ୍ତମାନ ପାର୍ବଣ ଋତୁ ଚାଲିଥିବା ବେଳେ ଆଗକୁ ଲକ୍ଷ୍ମୀପୂଜା ଥିବାରୁ ଜିଲ୍ଲା ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି।ଏହି ପରିପ୍ରେକ୍ଷୀରେ ଆଜି ଟାଉନ ଥାନା ପୁଲିସ ୨୦ ଟି ମୋବାଇଲକୁ ଜବତ କରି ୪ ଜଣଙ୍କୁ ଉପଯୁକ୍ତ ପ୍ରମାଣପତ୍ର ଦେଖି ମୋବାଇଲ ଫେରାଇଥିବା ସୂଚନା ଦେଇଛି।ସୂଚନା ଯେ, ଜିଲ୍ଲାର ବିଭିନ୍ନ ଅଂଚଳରେ ମୋବାଇଲ ଲୁଟେରାଙ୍କ ମାତିଛନ୍ତି। ଏ ନେଇ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନେତୃତ୍ୱରେ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଗତ ୧ ମାସ ତଳେ ବିହାର ଅଞ୍ଚଳର ବିଶାଲ କୁମାର ନୋନିୟାଙ୍କୁ ଗିରଫ କରାଯାଥିଲା। ତାଙ୍କ ଠାରୁ ୧୦ ଟି ମୋବାଇଲ ଜବତ କରାଯାଇ କୋର୍ଟଚାଲାଣ ମଧ କରାଯାଇଥିଲା। ପରେ ଜବତ ମୋବାଇଲର ସିମକୁ ଟ୍ରେସ କରି ୪ ଜଣଙ୍କୁ ପୁଲିସ ମୋବାଇଲ ଫେରାଇଥିବା ଜଣାଯାଇଛି। ସେହିଭଳି ସହରର ବିଭିନ୍ନ ଅଞ୍ଚଳରୁ ହଜିଯାଇଥିବା ମୋବାଇଲକୁ ମଧ ପୁଲିସ ଜବତ କରିଛି। ଆଜି ଟାଉନ ଥାନା ପକ୍ଷରୁ ୨୦ ଟି ମୋବାଇଲ ଜବତ ହୋଇଥିବା ଟାଉନ ଥାନା ପକ୍ଷରୁ ସୂଚନା ଦିଆଯାଇଛି। ସେଥିମଧ୍ୟରୁ ୧୨ ଟି ହଜିଥିବା ମୋବାଇଲ ହୋଇଥିବା ବେଳେ ୮ଟି ଚୋରି ମୋବାଇଲ ରହିଛି। ମଙ୍ଗଳବାର ୪ ଜଣଙ୍କୁ ପୁଲିସ ସେମାନଙ୍କ ମୋବାଇଲ ଫେରାଇଥିବା ଜଣାଯାଇଥିବା ଟାଉନ ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ବ୍ୟକ୍ତିତ୍ୱ ବିକାଶ ଶିବିର ପାଇଁ ପ୍ରସ୍ତୁତି ବୈଠକ
# ଚିନ୍ମୟ ମିଶନରେ ୧୫ବର୍ଷ ଧରି ଶିବିର ହେଉଛି

ବାରିପଦା, (ସବ୍ୟୁ) : ବାରିପଦା ସ୍କୁଲ ପିଲାଙ୍କ ପାଇଁ ଆଜିକୁ ୧୫ବର୍ଷ ଧରି ଚିନ୍ମୟ ମିଶନ ବାରିପଦା ସ୍ଥାନୀୟ ମଧୁବନ ସ୍ଥିତ ଚିନ୍ମୟ ମିଶନ ଆଶ୍ରମ ରେ ବ୍ୟକ୍ତିତ୍ୱ ବିକାଶ ଶିବିର – ଜାଗୃତି ଆୟୋଜନ ହୋଇ ଆସୁଅଛି । ଏ ବର୍ଷ ଆସନ୍ତା ଅକ୍ଟୋବର ୩ତାରିଖ ରୁ ୫ତାରିଖ , ସକାଳ ୬ରୁ ଅପରାହ୍ନ ୪.୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ବିଭିନ୍ନ ବିଦ୍ୟାଳୟର ଏକଶହ ଛାତ୍ରଛାତ୍ରୀ ମାନେ ନାମ ପଞ୍ଜିକରଣ କରିଛନ୍ତି । ଏ ବର୍ଷ ଶିବିରର ମୁଖ୍ୟ ବିଷୟ କୃତଜ୍ଞତା' ଉପରେ ଆଲୋଚନା ହେବ । ବାରିପଦା ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦ ସରସ୍ୱତୀ, ରାଉରକେଲା ଚିନ୍ମୟ ମିଶନର ଆଚାର୍ଯ୍ୟ ବ୍ରହ୍ମଚାରିଣୀ ପ୍ରତିଭା ଚୈତନ୍ୟ, ଯୋଗୋଗୁରୁ ରାକେଶ ମହାନ୍ତ ପ୍ରମୁଖ ଶିବିରର ଆଚାର୍ଯ୍ୟ ଭାବେ କାର୍ଯ୍ୟ ନିର୍ବାହ କରିବେ । ପିଲାମାନଙ୍କ ମଧ୍ୟରେ ଯୋଗ, ଗୀତା ଆବୃତ୍ତି ପ୍ରତିଯୋଗିତା, ଚିତ୍ରାଙ୍କନ, ଭାଷଣ, ସାଧାରଣ ଜ୍ଞାନ, ରଚନା, ବିଭିନ୍ନ ବୌଦ୍ଧିକ ଖେଳ, ଡ୍ରାମା, ନାଚ, ଗୀତ ପ୍ରତିଯୋଗୀତା ହେବ । ଏଥିପାଇଁ ଆଜି ସ୍ୱାମୀ ଗୋବିନ୍ଦାନନ୍ଦଙ୍କ ଅଧକ୍ଷତା ଚୁଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଅଛି । ସମ୍ପାଦକ ଅଜିତ ବେହେରା ସମସ୍ତ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ । ସଭାପତି ବିଜୟ ଲେଙ୍କା, ବଶିଷ୍ଠ ଆଇନଜୀବୀ ସତ୍ୟବ୍ରତ ମହାନ୍ତି, ପ୍ରଦିପ ମହାନ୍ତି, ଶକୁନ୍ତଳା ପାଲ, ସୁରତି ଦାସ, ଡ଼ାଃ ପ୍ରାଣକୃଷ୍ଣ ବେହେରା, ଶିକ୍ଷାବିତ୍ ହୃଦାନନ୍ଦ ଆଚାର୍ଯ୍ୟ, କବିତା ଦାସ, କ୍ରିଷ୍ଣା ଘୋଷ, ଇନ୍ଦିରା ଜେନା, ଶ୍ରୀଧର ପରିଡ଼ା, ବିବେକାନନ୍ଦ ଦାସ, ସମ୍ପଦ ଦାସ, ପ୍ରଦୀପ ଭଞ୍ଜଦେଓ, ସବ୍ୟସଚି ପାଲେଇ, ସ୍ୱର୍ଣ୍ଣପ୍ରଭା ଦାସ, ସତ୍ୟଜିତ ପାଲ ଓ ଦିଲ୍ଲୀପ ତ୍ରିପାଠୀ ପ୍ରମୁଖ ଆଲୋଚନା ଭାଗ ନେଇ ଥିଲେ ।

## ନବମ ଶ୍ରେଣୀ ଛାତ୍ରକୁ ବୀଭତ୍ସ ହତ୍ୟା
# କାଜୁ ଜଙ୍ଗଲ ନିକଟରୁ ମୃତଦେହ ଉଦ୍ଧାର

ଭଂଜନଗର, (ସବ୍ୟୁ): ଗାଙ୍ଗପୁର ଥାନା ଅନ୍ତର୍ଗତ ଖଣ୍ଡରାବଳୀ ଗାଁ ନିକଟ କାଜୁ ଜଙ୍ଗଲରୁ ନାବାଳକର ମୃତଦେହ ଉଦ୍ଧାର ହୋଇଛି । ତିନିଦିନ ଧରି ନିଖୋଜ ଥିଲେ ସେ । ଆଜି ଖବର ପାଇ ମୃତ ଦେହକୁ ଜବତ କରିବା ସହ, ଘଟଣାର ତଦନ୍ତ ଚଳାଇଛି ପୋଲିସ । ସନ୍ଦେହ ଘେରରେ ନବମ ଶ୍ରେଣୀ ଛାତ୍ର ହତ୍ୟା ଘଟଣା। ହତ୍ୟା ପରେ କାଜୁ ଜଙ୍ଗଲ ନିକଟ ଏକ ବୁଦା ମୂଳରେ, ମୃତ ଦେହକୁ ଫୋପାଡି ଦେଇଥିଲେ ଦୁର୍ବୃତ୍ତ । ସେପଟେ ପୁଅ ତିନିଦିନ ଧରି ନିଖୋଜ ରହିଥିବା ନେଇ ଥାନାରେ ଏତଲା ଦେଇଥିଲେ ପରିବାର ଲୋକେ । ପୁଅକୁ ଖୋଜାଖୋଜି ପାଉନଥିଲେ ପରିବାର ଲୋକେ। ସକାଳୁ ସକାଳୁ ମା' ଖବର ପାଇଲେ , ଗାଁ ନିକଟ କାଜୁ ଜଙ୍ଗଲ ପାଖରେ, ପୁଅର କ୍ଷତବିକ୍ଷତ ମୃତଦେହ ପଡ଼ିଛି । ପୁଅର ମୃତ ଦେହକୁ ଚିହ୍ନିବା ପରେ ପୋଲିସରେ ଖବର ଦେଲେ । ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଦେଖିବା ପରେ ଏହା ଏକ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ହେଲା। ଏଭଳି ଏକ ଘଟଣା ଘଟିଛି ଗାଙ୍ଗପୁର ଥାନା ଅନ୍ତର୍ଗତ ଖଣ୍ଡରାବଳୀ ଗାଁ ନିକଟ ରାମନାପଲ୍ଲୀ ଗାଁ ରାସ୍ତାରେ । ହତ୍ୟାର ଶିକାର ହୋଇଛି, ଖଣ୍ଡରାବଳୀ ଗାଁର ଅମର ବିଷୋୟୀ ନାମକ ନବମ ଶ୍ରେଣୀର ଛାତ୍ର । ଘଟଣା ସ୍ଥଳରୁ ଗଳିତ ମୃତଦେହକୁ ଜବତ କରି, ବ୍ରହ୍ମପୁରକୁ ଏଫଏମଟି କୁ ବ୍ୟବଛେଦ ପାଇଁ ପଠାଇଛି । ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି, ଭଂଜନଗର ଅତିରିକ୍ତ ଏସପି ରଞ୍ଜନ କୁମାର ଦେ, ଏସଡିପିଓ ଡଃ.ଦୀପକ୍ କୁମାର ମିଶ୍ର ଏବଂ ଥାନାଧିକାରୀ ବନବିହାରୀ ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ । ଅପରାହ୍ନରେ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଚଳାଇଛି ପୋଲିସ ।

# ସ୍ୱପ୍ନ ଫାଉଣ୍ଡେସନ ଓ ହେଲ୍ପ ଦି ହ୍ୟୁମାନିଟି ପକ୍ଷରୁ ଜରାଶ୍ରମ ଅନ୍ତେବାସୀ ଓ ବସ୍ତି ପିଲାଙ୍କ ଦଶହରା ପରିଭ୍ରମଣ

କଟକ, (ସ୍ୱପ୍ର) ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ୱପ୍ନ ଫାଉଣ୍ଡେସନ' ଓ ହେଲ୍ପ ଦି ହ୍ୟୁମାନିଟି ପକ୍ଷରୁ ଜରାଶ୍ରମର ଅନ୍ତେବାସୀ ଓ ବିଭିନ୍ନ ବସ୍ତିର ପିଲାମାନଙ୍କ ପାଇଁ କଟକ ଦଶହରା ପରିଭ୍ରମଣ ବ୍ୟବସ୍ଥା କରାଯାଇଥିଲା । ମହାସପ୍ତମୀ ତିଥିରେ ଜରାଶ୍ରମରେ ରହୁଥିବା ବୃଦ୍ଧ ପିତାମାତା ଓ ସହରର ବିଭିନ୍ନ ବସ୍ତିର ପିଲାମାନେ କଟକ ସହର ବିଭିନ୍ନ ପୂଜା ମଣ୍ଡପରେ ଦେବୀ ଦର୍ଶନ କରିବା ସହିତ ବିଭିନ୍ନ ମନୋରଞ୍ଜନ ଖେଳ ଖେଳିବା ସହ ବିଭିନ୍ନ ଖାଦ୍ୟପ୍ରଦାର୍ଥର ମଜା ନେଇଥିଲେ। 'ଖୁସି ବାଣ୍ଟିଲେ ଖୁସି ବଢ଼େ'ରେ ବିଶ୍ୱାସ କରୁଥିବା ଫାଉଣ୍ଡେସନର ସଭ୍ୟସଭ୍ୟାମାନେ ଆଜି ଏଭଳି ସାଧୁଉଦ୍ୟମ କରି ପ୍ରଶଂସାର ପାତ୍ର ପାଲଟିଛନ୍ତି । ପୂଜା ମଣ୍ଡପ ପରିଦର୍ଶନ ସମୟରେ ବିଭିନ୍ନ ପୂଜା କମିଟି ପକ୍ଷରୁ ପିଲାମାନଙ୍କୁ ବିଭିନ୍ନ ଉପହାର ପ୍ରଦାନ କରାଯାଇଥିଲା। ଯୁବ ସମାଜସେବୀ ପିଲାମାନଙ୍କ ବୁଲିବା ବ୍ୟବସ୍ଥା କରିବା ସହ ଖାନନଗରରେ ପଡ଼ିଥିବା ମୀନାବଜାରରେ ଉପଭୋଗ କରିବାର ବ୍ୟବସ୍ଥା କରିଥିଲେ । ଦୀର୍ଘ ୫ ବର୍ଷ ହେବ ସଙ୍ଗଠନ ଏହି ନିଆରା କାର୍ଯ୍ୟ ଆରମ୍ଭ କରିଥିବାବେଳେ ପ୍ରତିବର୍ଷ ଏହି କାର୍ଯ୍ୟ ଜାରି ରହିବ ବୋଲି କହିଛନ୍ତି ପ୍ରତିଷ୍ଠାତା ସୁଧାଂଶୁ ପାତ୍ର ।



# ପୂଜାମଣ୍ଡପରେ ଚାଲିଛି ମା' ଦୁର୍ଗାଙ୍କ ମହାଷ୍ଟମୀ ପୂଜା

ଆଠମଲ୍ଲିକ ,(ସବ୍ୟୁ) :ଆଠମଲ୍ଲିକ ସର୍ବ ପୁରାତନ ଦୁର୍ଗା ବଜାର ସ୍ଥିତ ଦୁର୍ଗା ମଣ୍ଡପ ଓ ଲକ୍ଷ୍ମୀ ନାରାୟଣ ବଜାରସ୍ଥିତ ଦୁର୍ଗା ମଣ୍ଡପରେ ମା ଦୁର୍ଗାଙ୍କ ମଙ୍ଗଳବାର ଆଧାତ୍ମିକ ପରିବେଶ ରେ ମହାଅଷ୍ଟମୀ ପୂଜା ଅନୁଷ୍ଠିତ ହୋଇଯାଇଛି । ଦୁର୍ଗା ମଣ୍ଡପରେ ପୂଜକ ଭାବରେ ପ୍ରମୋଦ ପାଣିଗ୍ରାହୀ ଓ କର୍ତ୍ତା ଭାବରେ ମନୋଜ ତ୍ରିପାଠୀ ଦାୟିତ୍ୱ ତୁଲାଇଥିଲା ବେଳେ ଘଣ୍ଟ ଢୋଲ ବାଦ୍ୟ ଅଞ୍ଚଳ ପ୍ରକମ୍ପିତ ହେଉଛି । ପୂଜା କମିଟି ସଭାପତି ସୁଧାଂଶୁ ବେହେରା, ସମ୍ପାଦକ ମଳୟ ବେହେରା, ସଭ୍ୟ ପ୍ରମୋଦ ସାହୁ, ବିଭୁତି ଭୂଷଣ ରଥ,ରାଜେଶ ନାଏକ, ପଙ୍କଜ ବିଶିଙ୍କ ସମେତ ସମସ୍ତ ସଭ୍ୟ ପୂଜା ସମୟରେ ଉପସ୍ଥିତ ମାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ସେହିପରି ଲକ୍ଷ୍ମୀ ନାରାୟଣ ବଜାର ଦୁର୍ଗା ମଣ୍ଡପ ରେ ପୂଜକ ଚିତ୍ତ ରଞ୍ଜନ ପାଣିଗ୍ରାହୀ, କର୍ତ୍ତା ପିକନ ନନ୍ଦ ଦାୟିତ୍ୱ ତୁଲାଇଥିଲେ । ପୂଜା କମିଟି ସଭାପତି ରଞ୍ଜିତ ମିଶ୍ର, ସମ୍ପାଦକ ସୁନୀଲ କୁମାର ମହାପାତ୍ର, ବରିଷ୍ଠ ସଭ୍ୟ ଉମେଶ ଅଗ୍ରୱାଲ,ଡମ୍ବୁରୁ ଧର ବାରିକ, ଶ୍ରୀନିବାସ ସାହୁ,ରିତେଶ କୁମାର ମହାପାତ୍ର,ିଶାଲ ଅଗ୍ରୱାଲ, ପ୍ରିୟ ଦର୍ଶୀ ସାମଲ,ପିଣ୍ଟୁ ପ୍ରଧାନ ହାଡିବନ୍ଧୁ ବାରିକ,ପ୍ରିୟବ୍ରତ ସାମଲ, କମ୍ବୁପାଣି ଲଉରିଆ, ବୁବୁନ ପାଣିଗ୍ରାହୀ,ହୃଦାନନ୍ଦ ସାହୁ, ରାଜୁ ବେହେରା, ଅଂଶୁମାନ ଆଚାର୍ଯ୍ୟଙ୍କ ସମେତ ସମସ୍ତ ସଭ୍ୟ ମାଙ୍କ ମହା ଅଷ୍ଟମୀ ପୂଜାରେ ଉପସ୍ଥିତ ରହି ମା ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଉଭୟ ମଣ୍ଡପରେ ଦୈନନ୍ଦିନ ପ୍ରସାଦ ସେବନର ବ୍ୟବସ୍ଥା ହୋଇଛି । ମା ଙ୍କ ଦର୍ଶନ ପାଇଁ ପୂଜା ମଣ୍ଡପରେ ଭକ୍ତଙ୍କ ଭିଡ଼ ଲାଗି ରହୁଛି ।

# ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର

ଢେଙ୍କାନାଳ ,(ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅନ୍ତର୍ଗତ ମହାଲକ୍ଷ୍ମୀ ଜଙ୍ଗଲରୁ ଜଣେ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଥିବାର ଜଣାପଡିଛି । ପୋଲିସ୍ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନାରୁ ଜଣାପଡିଛି ଖୁଣ୍ଟୁଣୀ ଅଞ୍ଚଳରେ ଥିବା ମହାଲକ୍ଷ୍ମୀ ଜଙ୍ଗଲରେ ଜଣେ ମହିଳାଙ୍କ ମୃତ ଦେହ ୨/୩ ହେବ ପଡ଼ିଥିବା ବନ ବିଭାଗ ପକ୍ଷରୁ ସଦର ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ଗୋବିନ୍ଦପୁର ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କ ଗଳିତ ମୃତ ଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମହିଳା ଜଣକ ଗଁଦିଆ ଅଂଚଳର ହୋଇଥିବା ପୋଲିସ ସନ୍ଦେହ କରୁଛି।ସେ ଗୋବିନ୍ଦପୁର ଫାଣ୍ଡି ଅଂଚଳରେ ଥିବା ଜଙ୍ଗଲରେ ମହୁଲ ସଂଗ୍ରହ କରୁଥିବା ବେଳେ କିଛି ଦିନ ହେବ ଅସୁସ୍ଥ ଥିଲେ।ତାଙ୍କ ପରିଚୟ ମିଳିପାରିନଥିବା ପୁଲିସ ପୁଲିସ ସୂଚନା ଦେଇଛି।

# କନକଦୁର୍ଗା ମନ୍ଦିରରେ ନବରାତ୍ରୀ ପୂଜା

ଢେଙ୍କାନାଳ ,(ସବ୍ୟୁ) ଢେଙ୍କାନାଳ ସହରସ୍ଥିତ ଦେଉଳ ସାହି ଜୁବୁଲି ଟାଉନ୍ ସ୍ଥିତ ମା କନକ ଦୁର୍ଗାଙ୍କ ମନ୍ଦିରରେ ନବ ରାତ୍ରି ପୂଜାର ନବମ ଦିବସରେ ମହିଷା ସୁର ମର୍ଦ୍ଦିନି ଦେବୀ ବେଶ ଅନୁଷ୍ଠିତ ହୋଇଯାଇଛି। ଦେଉଳ ସାହି ଯୁବୁଲି ଟାଉନ୍ ସ୍ଥିତ କନକ ଦୁର୍ଗାଙ୍କ ମନ୍ଦିରରେ ସକାଳୁ ମଙ୍ଗଳ ଆଳତି, ମହାସ୍ନାନ ,ନୂତନ ବସ୍ତ୍ର , ବିଭିନ୍ନ ପ୍ରକାର ଫୁଲ,ଭୋଗ ଲାଗି ହୋଇଥିଲା। ଆଜି ନବରାତ୍ରୀର ଚତୁର୍ଥ ଦିନରେ ମା କନକ ଦୁର୍ଗାଙ୍କୁ ଲଳିତା ତ୍ରିପୁରା ସୁନ୍ଦରୀ ବେଶ ଅନୁଷ୍ଠିତ ହୋଇଥିଲା। ସକାଳ ୯.୩୦ ରେ ପଣା ଭୋଗ, ଦଶଟା ବେଳେ ଖେଚୁଡ଼ି ଭୋଗ, ମଧ୍ୟାହ୍ନରେ ଅର୍ଣ୍ଣ ଧୂପ ପ୍ରତ୍ୟେକ ଦିନ ସୂର୍ଯ୍ୟ ପୂଜା, କଳସ ପୂଜା, ମଣ୍ଡଳ ପୂଜା ଶୋଳକ୍ଷ ଉପଚାର ପୂଜା, ଚଣ୍ଡୀ ପାଠ, ସପ୍ତ ଚଣ୍ଡୀ ରେ ଆହୁତି ଅର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ଆଳତି ମହାନବମୀ ପୂଜା ସହ ପୂର୍ଣ୍ଣାହୁତି ରାତ୍ରରେ ବଡ଼ ସିଂହାର ଭୋଗ ପରେ ପହଡ଼ ପଡ଼ିବ ବୋଲି ମନ୍ଦିର କମିଟି ତରଫରୁ ଜଣାପଡିଛି ।



# ସଫେଇ କର୍ମୀଙ୍କୁ ସମ୍ବର୍ଦ୍ଧନା ଓ ନୂତନ ବସ୍ତ୍ର ପ୍ରଦାନ



କଟକ, (ସ୍ୱପ୍ର): ସ୍ୱଚ୍ଛତା ହିଁ ନିରୋଗ ଏବଂ ସ୍ୱଚ୍ଛତା ହିଁ ସୁନ୍ଦର । ଏହି ସ୍ୱଚ୍ଛତାର ହକଦାର ହେଉଛନ୍ତି ସଫେଇ କର୍ମୀ । ଏହି ସଫେଇ କର୍ମୀଙ୍କ ମନରେ ଖୁସିଟିକିଏ ଭରିଦେବା ପାଇଁ ୫୩ନଂ ୱାର୍ଡର କର୍ପୋରେଟର ଅରବିନ୍ଦ ଜେନା ଏକ ଭିନ୍ନ ପ୍ରୟାସ କରିଛନ୍ତି । ଶାରଦୀୟ ଦୁର୍ଗାପୂଜାର ଦୁର୍ଗାଷ୍ଟମୀ ଅବସରରେ କର୍ପୋରେଟର ଅରବିନ୍ଦ ଜେନା ୱାର୍ଡରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ ଅନ୍ଦରପୁରସ୍ଥିତ ୱାର୍ଡ କାର୍ଯ୍ୟାଳୟ ପରିସରରେ ସମ୍ବର୍ଦ୍ଧନା କରିବା ସହ ନୂତନ ବସ୍ତ୍ର ଓ ଦଶହରା ଭେଟି ପ୍ରଦାନ କରିଛନ୍ତି । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ୱାର୍ଡ ସଭାପତି ସାରଙ୍ଗପାଣି ସଡ଼ଙ୍ଗୀ, ଅମର କୁମାର ସାମନ୍ତରାୟ, ସାହୀ ଅଧିକାରୀ ପ୍ରମୋଦ କୁମାର ଭୋଳ, ବିଜୟାନନ୍ଦ ସାହୁ, ଡଃ ବ୍ୟୋମକେଶ କାନୁନଗୋ, ନଗେନ ଦାସ, ସୁଧାରଞ୍ଜନ ନାୟକ, ରାଜେନ୍ଦ୍ର ମହାପାତ୍ର, ବିଦ୍ୟୁଲତା ସ୍ୱାଇଁ, ମନୋରଞ୍ଜନ ଜେନା, ସୁଜାତା ସ୍ୱାଇଁ, ରବିନ୍ଦ୍ର ମହାନ୍ତିଙ୍କ ସମେତ ସ୍ୱଚ୍ଛସାଥୀ ଏବଂ ସିଏମସି କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ଅଗ୍ରସେନ ଭବନର ନବୀକରଣ କାର୍ଯ୍ୟ ଉଦ୍‌ଘାଟିତ

ଅନୁଗୁଳ ,(ସବ୍ୟୁ) :ମାରୱାଡି ଧର୍ମଶାଳା ଠାରେ ମାରୱାଡି ପଞ୍ଚାୟତ ତରଫରୁ ଅଗ୍ରସେନ ଭବନ ର ନବୀକରଣ କାର୍ଯ୍ୟର ଶୁଭ ଉଦଘାଟନ ଉତ୍ସବରେ ମାରୱାଡି ପଞ୍ଚାୟତର ସଭାପତି ଓ କର୍ମକର୍ତ୍ତାଙ୍କ ସହିତ ଅନୁଗୁଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ଏହି ଅଗ୍ରସେନ ଭବନ ଏବେ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ହୋଇଥିବା ବେଳେ ସେଠାରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମ ଓ ସେଠାକୁ ରହିବାକୁ ଆସୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ନୂତନ ବ୍ୟବସ୍ଥା କରାଯାଇଛି । ଯାହା ଫଳରେ ସମସ୍ତଙ୍କୁ ଉନ୍ନତ ମାନର ସୁବିଧା ସୁଯୋଗ ପାଇ ପାରିବେ । ଏହି କାର୍ଯ୍ୟକ୍ରମରେ ମାରୱାଡି ପଞ୍ଚାୟତର ସଭାପତି ଲକ୍ଷ୍ମଣ ଅଗ୍ରୱାଲ, ମାରୱାଡି ପଞ୍ଚାୟତର କର୍ମକର୍ତ୍ତା ରାଜୁ ଅଗ୍ରୱାଲ, ସୁନୀଲ ତୁଲସୀୟାନ୍, ଜିତେନ୍ଦ୍ର ଗୁପ୍ତା,ନନ୍ଦୁ ଗୁପ୍ତା, ଅଶୋକ ମାଣ୍ଡୋଠିଆ, ସୁଦର୍ଶନ ଅଗ୍ରୱାଲ୍, ଭେଙ୍କଟ ବାଗ୍ରୋଡିଆ, ଅମ୍ରି ମୋଦୀ ଓ ମାରୱାଡି ପଞ୍ଚାୟତର ସଦସ୍ୟମାନେ ଉପସ୍ଥିତ ଥିଲେ ।



# ବିନା କୋଚିଂରେ ସଫଳତା ପାଇଲେ ବଡ଼ସାହିର ଜୟଶ୍ରୀ ଦଳେଇ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ କଇଁଶାଳି ଗ୍ରାମର ବିଶ୍ୱଜିତ ଦଳେଇ ଓ କଳ୍ପଲତା ଦଳେଇଙ୍କ କନ୍ୟା ତଥା ଗଜପତି ଜିଲ୍ଲାର ଲୁଗାଗୁଡ଼ି ଗ୍ରାମର ସ୍ୱର୍ଗତଃ ଭିକାରୀ ଚରଣ ପାତ୍ର ଓ ସ୍ୱର୍ଗତାଃ କୃଷ୍ଣା ପାତ୍ରଙ୍କ ପୁତ୍ରବଧୂ ଜୟଶ୍ରୀ ଦଳେଇ ଓଡିଶା ପ୍ରଶାସନିକ ସେବା ପରୀକ୍ଷା –୨୦୨୩ରେ ୨୩୧ ର୍ୟାଙ୍କ ହାସଲ କରି କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ର ଜୀବନରେ ସେ ଜଣେ ଅଧବସାୟୀ ମେଧାବୀ ଛାତ୍ରୀ ଭାବେ ପରିଚିତା ଥିଲେ। ସେ ୨୦୦୭ ମସିହାରେ ବଡ଼ସାହି ଉଚ୍ଚ ବିଦ୍ୟାଳୟରୁ ମ୍ୟାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ୨୦୦୯ରେ ବଡ଼ସାହି ପିଏସ କଲେଜରୁ ଯୁକ୍ତ ଦୁଇ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ,୨୦୧୨ରେ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଯୁକ୍ତତିନି ରେ ରସାୟନ ବିଜ୍ଞାନ ସମ୍ମାନ ସହ ପ୍ରଥମ ଶ୍ରେଣୀରେ ଏବଂ ୨୦୧୪ରେ ମହାରାଜ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରୁ ରସାୟନ ବିଜ୍ଞାନରେ ଟପ୍ପର ହୋଇ ଉତ୍ତୀର୍ଣ୍ଣ ହୋଇଥିଲେ। ପିଲାଦିନେ ତା'ଙ୍କ ଜେଜେବାପା, ବଡ଼ସାହିରେ ଡାକ୍ତର ଭାବେ କାର୍ଯ୍ୟରତ ଥିବା ସ୍ୱର୍ଗତଃ ବୃନ୍ଦାବନ ଚନ୍ଦ୍ର ଦଳେଇଙ୍କ ଲୋକଙ୍କ ସେବା କରିବା ମନଭାବ ତାଙ୍କୁ ଅନେକ ମାତ୍ରାରେ ଅନୁପ୍ରାଣିତ କରିଥିଲା। ସେଥିପାଇଁ ପାଠ ପଢା ପରେ ସେ ଓଡିଶା ସିଭିଲ ସର୍ଭିସରେ ଯୋଗଦେବା ପାଇଁ ମନ ବଳାଇ ଥିଲେ। ବିବାହ ପରେ ତା'ଙ୍କ ଶ୍ୱଶୁରାଳୟର ଲୋକଙ୍କ ଦ୍ୱାରା ଉତ୍ସାହିତ ହୋଇ ପରୀକ୍ଷା ଦେଇଥିଲେ। ଏହି ପରୀକ୍ଷାରେ ସେ ଦୁଇ ଦୁଇ ଥର ବିଫଳ ହେଲେବି ହାର ମାନିନଥିଲେ, ପରିବାର ବର୍ଗଙ୍କ ପ୍ରେରଣା ଓ ଉତ୍ସାହରେ ଇଶ୍ୱରଙ୍କ ପ୍ରତି ବିଶ୍ୱାସ ରଖି ଜଣେ ସୁଗୃହିଣୀ ଭାବେ ନିଜ ଦାୟିତ୍ୱ ତୁଲାଇବା ସହ ତା'ଙ୍କର ପ୍ରଚେଷ୍ଟା ଜାରି ରଖିଥିଲେ ଏବଂ କୌଣସି ପ୍ରକାର କୋଚିଂ ନନେଇ ନିଜର କଠିନ ପରିଶ୍ରମ ବଳରେ ତୃତୀୟ ଥରରେ ତା'ଙ୍କ ଲକ୍ଷ୍ୟ ହାସଲରେ ସଫଳ ହୋଇପାରିଛନ୍ତି। ସେ ତା'ଙ୍କର ଏହି ସଫଳତା ପାଇଁ ଇଶ୍ୱରଙ୍କ ଆଶୀର୍ବାଦ, ପରିବାରବର୍ଗ, ଶିକ୍ଷକ ଶିକ୍ଷୟିତ୍ରୀ, ଅଧାପକ ଅଧାପିକାଙ୍କୁ ଶ୍ରେୟ ଦେଇଛନ୍ତି। ପ୍ରକାଶ ଥାଉକି ତା'ଙ୍କ ସ୍ୱାମୀ ଅତନୁ କୁମାର ପାତ୍ର ମଧ ୨୦୧୯ ବ୍ୟାଚର ଜଣେ ଓଡିଶା ପ୍ରଶାସନିକ ସେବା ଅଧିକାରୀ ଯିଏକି ବର୍ତ୍ତମାନ ଖୋର୍ଦ୍ଧା ଜିଲ୍ଲା ସବ ରେଜିଷ୍ଟ୍ରାର ଭାବେ କାର୍ଯ୍ୟରତ।



# ବାଣ ପ୍ରସ୍ତୁତି ବେଳେ ଜବତ

ସୋର,(ସବ୍ୟୁ): ସୋର ପୌର ପାଳିକା ଅନ୍ତର୍ଗତ ତୁଣ୍ଡପଡ଼ା ଗ୍ରାମରେ ବାଣ ପ୍ରସ୍ତୁତି ହେଉଥିବା ଖବର ପାଇ ସୋର ପୁଲିସ ପକ୍ଷରୁ ଚଢ଼ାଉ କରାଯାଇ ବାଣ ଜବତ କରିଥିବା ବେଳେ ଜଣଙ୍କୁ ଥାନାରେ ଅଟକ ରଖିଛି।ବାଲେଶ୍ୱର ଏସପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶରେ ସଦର ଏସଡ଼ିପିଓ ଶୁଭ୍ରାଂଶୁ ନାୟକଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବାଣ ଜବତ କରାଯାଉଥିବା ବେଳେ ଆଜି ସୋରରୁ ବିପୁଳ ପରିମାଣର ବାଣ ଜବତ କରାଯାଇଛି। ମିଳିଥିବା ସୂଚନା ଅନୁସାରେ ସୋର ପୌରପାଳିକା ଅନ୍ତର୍ଗତ ତୁଣ୍ଡପଡା ଗ୍ରାମର ଶୁକଦେବ ନାଥ ଘରେ ବାଣ ପ୍ରସ୍ତୁତ କରିବା ସାହିତ ବାଣ ବିକ୍ରି କରୁଥିଲେ। ଏ ବାବଦରେ ଖବର ପାଇ ରବିବାର ମଧ୍ୟାହ୍ନରେ ସୋର ପୁଲିସ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ବାଣ ଜବତ କରିବା ସହିତ ଶୁକଦେବଙ୍କୁ ଥାନାରେ ଅଟକ ରଖାଯାଇଛି।ଜବତ ବାଣର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଜଣାପଡିଛି।

# ଆନ୍ତର୍ଜାତୀୟ ବକ୍ସିଂ ରେଫରୀ ଶିଶିର ପାଣିଗ୍ରାହୀଙ୍କ ଚେନ୍ନାଇ ଗସ୍ତ

ବ୍ରହ୍ମପୁର, (ସବ୍ୟୁ): ଜାତୀୟ ସ୍ତରୀୟ ବକ୍ସି ପ୍ରତିଯୋଗିତା ଅକ୍ଟୋବର ମାସ ୧ ତାରିଖ ଠାରୁ ଆରମ୍ଭ ହୋଇ ୭ ତାରିଖରେ ସମାପ୍ତ ହେବାକୁଥିବା ବେଳେ ଏହି କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ଆନ୍ତର୍ଜାତୀୟ ବକ୍ସିଂ ରିଫେରୀ ତଥା ସ୍ଥାନିୟ କୋଚ ଶିଶିର କୁମାର ପାଣିଗ୍ରାହୀ ଚେନ୍ନାଇ ଅଭିମୁଖେ ଯାତ୍ରା କରିଛନ୍ତି । ଏହି ପ୍ରତିଯୋଗିତାରେ ଭାରତର ସମସ୍ତ ରାଜ୍ୟ ଓ ପୁରୁଷ ଏବଂ ମହିଳା ବକ୍ସିଂ ଦଳ ଅଂଶ ଗ୍ରହଣ କରିବେ। ତାମିଲନାଡୁ ରାଜ୍ୟର ଚେନ୍ନାଇ ସହର ସ୍ଥିତ ମହାତ୍ମାଗାନ୍ଧୀ ଅଡିଟୋରିୟମ ଠାରେ ଅନୁଷ୍ଠିତ ହେବ ବୋଲି ଉପ ସଭାପତି କେ. ପ୍ରଭାକର ରାଓ ଜଣାଇଛନ୍ତି । ଆର୍ଶିବାଦ ବେହେରା, ଅଭିଜିତ ପାଲ, ଶ୍ରୀ ଅଶୋକ କୁମାର ସାହୁ, ରାଜ୍ୟ ବକ୍ସି ସମ୍ପାଦକ ଶ୍ରୀ ଅନିଲ ବୋହିଦାର, ରାଜ୍ୟ ବକ୍ସିଂ ସଭାପତି ଶ୍ରୀ ରଘୁନନ୍ଦନ ପାଢୀ, ଶ୍ରୀ ରବିଶଙ୍କର ପ୍ରତିହାରି, କେ ପ୍ରଭାକର ରାଓ, ଅଞ୍ଜନ ଦାସ, ବିଜୟ ଦାସ, ବାବୁ ପାତ୍ର, ଶିବରାମ ପାତ୍ର, ଏସ କେ ନାୟକ, ମମତା ପଣ୍ଡାଙ୍କ ସମେତ ବହୁ ବକ୍ସର ଓ କ୍ରୀଡାବି ଆଦି ଶୁଭେଚ୍ଛା ଜଣାଇଛନ୍ତି ।

# ତାଳଚେର ଟ୍ରକ୍ ମାଲିକ ସଂଘ ନିର୍ବାଚନ
# ଦିଲ୍ଲୀପ ସଭାପତି, ପ୍ରକାଶ ସମ୍ପାଦକ



ତାଳଚେର, (ସବ୍ୟୁ) : ତାଳଚେର ଟ୍ରକ ମାଲିକସଂଘ ନିର୍ବାଚନ ୨୦୨୫–୨୭ବର୍ଷ ପାଇଁ ନିର୍ବାଚିତ ପ୍ରତିନିଧିଙ୍କର ଫଳାଫଳ ଘୋଷଣା ହୋଇଛି। ତା ୨୭/୦୯/୨୦୨୫ରିଖରେ ହାଟତୋଟା ସ୍ଥିତ ଟ୍ରକମାଲିକ ସଂଘରେ ନିର୍ବାଚନ ହୋଇ ଭୋଟଗଣତି ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଛି। ୧୩୨୪ଜଣ ଭୋଟରଙ୍କ ମଧ୍ୟରୁ ୧୦୬୩ଜଣ ଭୋଟ ପ୍ରଦାନ କରିଥିଲେ। ସଭାପତିଭାବେ ଦିଲ୍ଲୀପ ପାଣି, ପୂର୍ଣ୍ଣଚନ୍ଦ୍ର ସାହୁ ଓ ଜିତେନ୍ଦ୍ର ଭୂତିଆ ପ୍ରତିଦ୍ୱନ୍ଦିତା କରିଥିବା ବେଳେ ଶ୍ରୀ ପାଣି ତାଙ୍କ ନିକଟତମ ପ୍ରତିଦ୍ୱନ୍ଦି ଜିତେନ୍ଦ୍ର ଭୂତିଆଙ୍କ ଠାରୁ ୪ଶହ ଖଣ୍ଡ ଭୋଟରେ ଜୟଯୁକ୍ତ ହୋଇଛନ୍ତି। ଶ୍ରୀ ପାଣି ୭୨୧ଖଣ୍ଡ ଭୋଟ ପାଇଥିବା ବେଳେ ଶ୍ରୀ ଭୂତିଆ ୨୫୪ଖଣ୍ଡ ଭୋଟ ପାଇଥିଲେ ଓ ପୂର୍ଣ୍ଣଚନ୍ଦ୍ର ସାହୁ ମାତ୍ର ୩୦ଖଣ୍ଡ ଭୋଟ ପାଇଥିଲେ। ସାଧାରଣ ସମ୍ପାଦକ ଭାବେ ପ୍ରକାଶ ମହାରଣା ୬୧୧ଖଣ୍ଡ ଭୋଟପାଇ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦି ଠାରୁ ୪୨୪ଖଣ୍ଡ ଭୋଟ ଅଧିକ ପାଇ ଜୟଯୁକ୍ତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଭାପତିଭାବେ ନିରଞ୍ଜନ ପ୍ରଧାନ, ଉପସଭାପତି ଭାବେ ଅମୁଲ୍ୟ ଭୂତିଆ, ଅର୍ଜୁନ ସାହୁ, ଶ୍ରୀହରି ସେଠୀ, ସହସମ୍ପାଦକ ଭାବେ ଜିତେନ୍ଦ୍ର ରାଉତ ସୁବ୍ରତ ସାହୁ, ଦିବ୍ୟରଞ୍ଜନ ଗଡ଼ନାୟକ, ସୁରେଶଚନ୍ଦ୍ର ସାହୁ, ଅର୍ଜୁନ ପ୍ରଧାନ, ଗଣେଶ୍ୱର ଶତପଥୀ, ବାପୁନି ସିଂହ, ମନୋରଞ୍ଜନ ଦାସ, ଏମଡ଼ି ସାଜିଦ୍, ରିପନ ସାହୁ, ଶ୍ରୀନିବାସ ପ୍ରଧାନ, କୋଷାଧ୍ୟକ୍ଷ ଭାବେ ମଦନମୋହନ ପାତ୍ର ଅଡ଼ିଟରଭାବେ ସରୋଜ ସାହୁ ଜୟଯୁକ୍ତ ହୋଇଥିବା ସଂଘ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଘୋଷଣାର ସମାପ୍ତି ପରେ ସମସ୍ତ ଟ୍ରକମାଲିକ ଉପସ୍ଥିତ ରହି ସମସ୍ତ ପ୍ରାର୍ଥଙ୍କୁ ବାଜା ବଜାଇ, ବାଣଫୁଟାଇ ସ୍ୱାଗତ କରିଥିଲେ।

# ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ଭାରୋତ୍ତୋଳନ ପ୍ରତିଯୋଗିତା

ବାରିପଦା, (ସବ୍ୟୁ) : ବ୍ରହ୍ମପୁରସ୍ଥିତ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ୧୪ବର୍ଷ ଏବଂ ୧୭ବର୍ଷରୁ କମ୍ ୬୯ତମ ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ଭାରତ୍ତୋଳନ, ବାସ୍କେଟବଲ ଓ ହ୍ୟାଣ୍ଡବଲ ପ୍ରତିଯୋଗିତା–୨୦୨୫ରେ ଅଂଶଗ୍ରହଣ କରି ନଙ୍ଗଳକଟା ସ୍ଥିତ ଶକ୍ତିମାନ ଜିମ୍ନାସିୟମର ହରିଶଙ୍କର ମହାନ୍ତ ଏବଂ ଆକାଶ ମହାନ୍ତ କୃତିତ୍ୱ ହାସଲ କରି ମୟୂରଭଞ୍ଜ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଉଭୟ ୧୪ବର୍ଷ ବର୍ଗରେ ଭାରତ୍ତୋଳନ କରି ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ଯଥାକ୍ରମେ ସ୍ୱର୍ଣ୍ଣ ଏବଂ ରୌପ୍ୟପଦକ ହାସଲ କରି ସମଗ୍ର ଜିଲ୍ଲା ସମେତ ଶକ୍ତିମାନ ଜିମ୍ନାସିୟମ ଆଣିଦେଇଛନ୍ତି ଗର୍ବ ଏବଂ ଗୌରବ । ଶକ୍ତିମାନ ଜିମ୍ନାସିୟମର ପ୍ରତିଷ୍ଠାତା ତଥା ଦକ୍ଷ ସଂଗଠନ ପରେଶଚନ୍ଦ୍ର ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାରତ୍ତୋଳନ ପାଇଁ ପ୍ରଶିକ୍ଷଣ ନେଇଥିବା ହରିଶଙ୍କର ମହାନ୍ତ ଏବଂ ଆକାଶ ମହାନ୍ତ ୧୪ବର୍ଷ ବର୍ଗରେ ଭାରତ୍ତୋଳନରେ ଅଂଶଗ୍ରହଣ କରିଥିଲେ । ଏଥିରେ ହରିଶଙ୍କର ମହାନ୍ତ ୬୦କେଜି ବର୍ଗରେ ସ୍ନାଚ୍ ୯୨କେଜି ଏବଂ କ୍ଲିନ୍ ଆଣ୍ଡ ଜାର୍କ ୧୦୮ କେଜି ଓଜନରୁ ସଫଳତାର ସହିତ ଉତ୍ତୋଳନ ପୂର୍ବକ ୨୦୦କେଜି ଭାରତ୍ତୋଳନ କରି ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଅନୁରୂପ ଭାବେ ଆକାଶ ମହାନ୍ତ ୬୫କେଜି ବର୍ଗରେ ସ୍ନାଚ୍ ୮୧କେଜି ଏବଂ କ୍ଲିନ୍ ଆଣ୍ଡ ଜାର୍କ ୧୦୫ କେଜି ଏହିପରି ମୋଟ୍ ୧୮୬ କେଜି ଭାରଉତ୍ତୋଳନ କରି ରୌପ୍ୟପଦକ ହାସଲ କରିବାରେ ସଫଳ ହୋଇଛନ୍ତି । ଶକ୍ତିମାନ ଜିମ୍ନାସିୟମର ଏହି ଦୁଇ ପ୍ରଶିକ୍ଷାର୍ଥୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସଫଳତା ପରେ ପ୍ରଶିକ୍ଷକ ତଥା ଜିମ୍ନାସିୟମର ପ୍ରତିଷ୍ଠାତା ଶ୍ରୀ ମହାନ୍ତଙ୍କ ସମେତ ଦୁଇ ଖେଳାଳୀଙ୍କୁ ମୟୂରଭଞ୍ଜ ୱେଟ୍‌ଲିଫ୍ ଆସୋସିଏସନର ସଭାପତି ତଥା ରାଜ୍ୟସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ସଭାପତି ନବକୁମାର ସାହୁ, ଉପସଭାପତି ବିଜୟ ମିଶ୍ର, ଜୀତେନ୍ଦ୍ର ବେହେରା, ସୁଗ୍ମସମ୍ପାଦକ ତରୁଣ ମହାନ୍ତି, କୋଷାଧ୍ୟକ୍ଷ ବିଜୟ ଦାସଙ୍କ ସମେତ ଉପଦେଷ୍ଟା ଶଙ୍କର କର, ମନୋଜ ରାଉତ, ପ୍ରିୟବ୍ରତ ଦାସ, ଆନ୍ତର୍ଜାତୀୟ ଭାରତ୍ତୋଳନକାରୀ ମନ୍ଦାକିନୀ ମହାନ୍ତ, ଶକ୍ତିମାନ ଜିମ୍ନାସିୟମର ଶୁକ୍ଳୁଲ ମୁର୍ମୁ, ସଂଗ୍ରାମକେଶରୀ ଦେବ, ରତିକାନ୍ତ ମହାନ୍ତ, ନଳୀନ୍ ଚନ୍ଦ୍ର ବେହେରା, ଦନାର୍ଦ୍ଦନ ମହାନ୍ତ, ଅଜୟ ଜେନା, ସୁରଜ ଲୋହାର, ମନୋଜ ମହାନ୍ତ, ଜାତୀୟ ଖେଳାଳୀ ଅଭିଶେକ ମହାନ୍ତ, ସୁଷମା ରାୟ ପ୍ରମୁଖ ଉଭୟ କୃତୀ ଖେଳାଳୀଙ୍କ ସମେତ କୋଚ୍ ଶ୍ରୀ ମହାନ୍ତଙ୍କ ଅସୁମାରି ଶୁଭେଚ୍ଛା ଏବଂ ଶୁଭକାମନା ଜଣାଇଛନ୍ତି ।



# ବେଲାରୀରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ



ଅସୁରାଳି,(ସବ୍ୟୁ):କର୍ଣ୍ଣାଟକ ରାଜ୍ୟର ବେଲାରୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଧାମନଗର ବ୍ଲକ ଖଇରପଦା ପଞ୍ଚାୟତ ସରପୁର ଗ୍ରାମର ଯୁବକ ଶ୍ରୀମନ୍ତ ଜେନା(୩୪)ଙ୍କର ମୃତ୍ୟୁ ଘଟିଛି।ସରପୁର ଗ୍ରାମର ରମେଶ ଜେନାଙ୍କ ପୁଅ ଶ୍ରୀମନ୍ତ ଓରଫ ଘାଉଲା ଗତ କିଛି ଦିନ ଧରି ବେଙ୍ଗାଲୁରୁ ନିକଟସ୍ଥ ବେଲାରୀ ଠାରେ ଥିବା ଏକ ଷ୍ଟିଲ କମ୍ପାନୀରେ କାର୍ଯ୍ୟ କରୁଥିଲେ। ସୋମବାର ରାତିରେ ସେ କମ୍ପାନି ପରିସରରେ କାମ କରୁଥିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବା ଶ୍ରୀମନ୍ତଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ମଙ୍ଗଳବାର ଦିନ ମୃତ ଯୁବକଙ୍କ ସମ୍ପର୍କୀୟ ଲୋକେ ବେଲାରୀ ଯାଇଛନ୍ତି।ସେଠାରେ ଶବ ବ୍ୟବଚ୍ଛେଦ କରାଯାଇଛି।ଜଣେ ମେହନତୀ ସଭାବର ଯୁବକ ଭାବେ ପରିଚିତ ଶ୍ରୀମନ୍ତଙ୍କ ଆକସ୍ମିକ ବିୟୋଗରେ ସରପୁର ଗ୍ରାମରେ ଶୋକ ପ୍ରକାଶ ପାଇଛି।ତାଙ୍କ ମୃତଦେହ ଗାଁକୁ ଅଣାଯିବ ବୋଲି ପରିବାର ପକ୍ଷରୁ ଜଣାପଡିଛି।

# ଦାଦାଙ୍କୁ କୋଦାଳରେ ହାଣିଦେଲା ପୁତୁରା

କେନ୍ଦୁଝର,(ଜିପ୍ର): କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ନୟାକୋଟ ଥାନା ଅନ୍ତର୍ଗତ ଦୁଧପୋଖି ଗ୍ରାମରେ ଘଟିଛି ଅଘଟଣ । ରାସ୍ତାରେ ପକାଯାଉଥିବା ମାଟିକୁ ଆଣିବାକୁ କେନ୍ଦ୍ର କରି କଳହ ସୃଷ୍ଟି ହୋଇ ଭୁଲବୁଝାମଣାରୁ ଦାଦାଙ୍କୁ କୋଦାଳରେ ହାଣି ହତ୍ୟା କରିଛନ୍ତି ପୁତୁରା। ମୃତକ ଦାଦା ହେଲେ ଦୁଧପୋଖି ଗାଁର ମହେଶ୍ୱର ମହାକୁଡ(୫୫)। ହତ୍ୟାକାରୀ ପୁତୁରା ଧରଣୀଧର ମହାକୁଡ(୨୫)ଓରଫ ପିପୁଲଙ୍କୁ ନୟାକୋଟ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସୋମବାର ଦୁଧପୋଖି ଗାଁ ଛକ ଠାରୁ ଶିମିଳିସାହି ପର୍ଯ୍ୟନ୍ତ ନୂତନ କଂକ୍ରିଟ ରାସ୍ତା କାମ ଚାଲିଥିଲା। ଖୋଳା ଯାଉଥିବା ମାଟି ନେବାକୁ ନେଇ ଉଭୟ ଦାଦା ପୁତୁରାଙ୍କ ମଧ୍ୟରେ ବଚସା ହୋଇଥିଲା। ଉତ୍ତେଜିତ ହୋଇ ଧରଣୀଧର ମହେଶ୍ୱରଙ୍କ ମୁଣ୍ଡରେ ଏକ କୋଦାଳରେ ଆକ୍ରମଣ କରିଥିଲା। ତାଙ୍କୁ ତୁରନ୍ତ ପ୍ରଥମେ ବାଂଶପାଳ ପରେ କେନ୍ଦୁଝର ଧରଣୀଧର ମେଡିକାଲକୁ ପରିବାର ଲୋକେ ଆଣିଥିଲେ। ସେଠାରେ ତାଙ୍କର ଅବସ୍ଥା ସଂଙ୍କଟାପନ ହେବାରୁ କଟକ ଏସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଅଶ୍ୱିନୀ ଟ୍ରମାସେଣ୍ଟର ଏକ ଘୋରଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ଗତକାଲି ରାତି ସାଢେ ୧୦ଟାବେଳେ ମହେଶ୍ୱରଙ୍କ ମୃତ୍ୟୁ ଘଟିଛି। ଏନେଇ ନୟାକୋଟ ପୋଲିସ ୧୭୨/୨୫ରେ ଏକ ହତ୍ୟା ମାମାଲା ରୁଜୁ କରି ତଦନ୍ତ କରୁଛି।

# ନ୍ୟାୟ ଦାବିରେ ଜାତୀୟ ରାଜପଥ ଅବରୋଧ



ସୋର,(ସବ୍ୟୁ): କେନ୍ଦୁଝର ଜିଲ୍ଲା ଘୁଣ୍ଟିଚାପାଳ ଝରଣରେ ନିଖୋଜ ହୋଇଯାଇଥିବା ଯୁବକଙ୍କୁ ଖୋଜିବାରେ ଜିଲ୍ଲା ପ୍ରଶାସନ ବିଫଳ ହୋଇଥିବାରୁ ନ୍ୟାୟ ଦାବୀରେ ଯୁବକଙ୍କ ପରିବାର ଲୋକେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିବା ଜଣାପଡିଛି। ସୋର ବ୍ଲକ ମୁକ୍ତିସିଂ ପଞ୍ଚାୟତ ବର୍ଗଡା ଗ୍ରାମର ସହଦେବ ବେହେରାଙ୍କ ପରିବାର ଗତ ୮ ତାରିଖରେ ଘଟଗାଁ ବୁଲି ବାକୁ ଯାଇଥିଲେ। ସେଠାରୁ ମା ତାରିଣୀଙ୍କ ଦର୍ଶନ କରିସାରିବା ପରେ ନିକଟସ୍ଥ ଗୁଣ୍ଡିଚାପାଳ ଝରଣା ବୁଲିବାକୁ ଯାଇଥିଲେ। ସେଠାରେ ସହଦେବଙ୍କ ପୁଅ ଦେବେଶ ବେହେରା (୨୪) ଙ୍କ ଗୋଡ଼ ଖସିଯିବାରୁ ସେ ଝରଣରେ ନିଖୋଜ ହୋଇଯାଇଥିଲେ। ସେଠାରେ ସେ ପ୍ରଶାସନଙ୍କୁ ଜଣାଇବା ପରେ ଅଗ୍ନିଶମ ବିଭାଗ ଖୋଜାଖୋଜି କରିବା ପରେ ମଧ ଆଜି ପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ଧାନ ମିଳିପାରିନି। ଫଳରେ ସହଦେବଙ୍କ ପରିବାର ତରଫରୁ ସେଠିକାର ଲୋକାଲ ଥାନା, କେନ୍ଦୁଝର ଏସପି, ଓଡିଶା ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କୁ ଏ ବାବଦରେ ଅବଗତ କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା।ତାଙ୍କୁ ନ୍ୟାୟ ଦାବୀରେ ମଙ୍ଗଳବାର ଅପରାହ୍ନରେ ସହଦେବଙ୍କ ପରିବାର ଲୋକେ ନ୍ୟାୟ ଦାବୀରେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ମୁକ୍ତିସିଂ ଛକ ନିକଟରେ ରାସ୍ତା ଅବରୋଧ କରିଥିଲେ।ଖବରପାଇ ସୋର ଥାନାଧିକାରୀ ସୁଦୀପ୍ତ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା।

# ଶାରଦୀୟ ଦୁର୍ଗାପୂଜାରେ ଉତ୍ସବମୁଖର ଧାମନଗର

ଧାମନଗର,(ସବ୍ୟୁ): ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳରେ ଶାରଦୀୟ ଦୁର୍ଗାପୂଜା ପାଳନ କରାଯାଉଛି।ଧାମନଗର ଏନଏସି ଅନ୍ତର୍ଗତ ଶ୍ୟାମପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ମନ୍ତ୍ରବାସିନୀ ଙ୍କ ପୀଠରେ ନବଦିନ ବ୍ୟାପି ପୂଜାର୍ଚ୍ଚନା କରାଯାଉଥିବାବେଳେ ସୋମବାର ଦିନ ମା'ଙ୍କ ମହାଷ୍ଟମୀ ଓ ମଙ୍ଗଳବାର ଦିନ ମହାନବମୀପୂଜା କରାଯାଉଛି।ସେହିପରି ଧାମନଗର ମେଡିକାଲ ବଜାର ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା କମିଟି ତରଫରୁ ମା'ଦୁର୍ଗାଙ୍କ ପୂଜା ଶୋଡଶୋପଚାର ରେ କରାଯାଉଥିବାବେଳେ ସୋମବାର ଦିନ ପ୍ରାତଃ ସମୟରେ ମା'ଙ୍କ ଉନ୍ମେଷ ରେ ଘଟୋତ୍ତଳନ କରାଯାଇ ସପ୍ତମୀ ବିହୀତ ପୂଜା ଓ ମଙ୍ଗଳବାର ଦିନ ମହାଷ୍ଟମୀ ପୂଜା କରାଯାଇଥିଲା।ଶ୍ୟାମପୁର ଗ୍ରାମର ବହୁ ପୁରାତନ ଦୁର୍ଗା ମଣ୍ଡପରେ ମଧ୍ୟ ଅନୁରୂପ ପୂଜାର୍ଚ୍ଚନା କରାଯାଇଥିଲା।ଆକର୍ଷଣୀୟ ତୋରଣ ଓ ଆଲୋକସଜ୍ଜା ଭକ୍ତ ଓ ଜନସାଧାରଣଙ୍କୁ ବେସ ଆକୃଷ୍ଟ କରୁଥିବାବେଳେ ପୂଜା ମଣ୍ଡପ ଗୁଡିକରେ ପ୍ରବଳ ଭିଡ ଅନୁଭୂତ ହେଉଛି।ଧାମନଗର ଏନଏସି ଅଞ୍ଚଳରେ ଦୁଇଟି ମଣ୍ଡପରେ ମା'ଙ୍କ ପୂଜା କରାଯାଉଥିବାବେଳେ ଧାମନଗର ଥାନାର ଗ୍ରାମାଞ୍ଚଳରେ ୧୬ ଟି ସ୍ଥାନରେ ଏବଂ ଧୁସୁରି ଥାନା ଅଞ୍ଚଳରେ ୧୭ ଟି ସ୍ଥାନରେ ମା'ଦୁର୍ଗା ପୂଜା ପାଉଛନ୍ତି।କେତେକ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି।ଆସନ୍ତା ଗୁରୁବାର ଦିନ ବିଜୟା ଦଶମୀ ବା ଦଶହରା ପର୍ବ ପାଳନ କରାଯିବ।ଏହି ଅବସରରେ ମା' ମନ୍ତ୍ରବାସିନୀ ଙ୍କ ପୀଠରୁ ଗୁରୁବାର ଭୋର ସମୟରେ କାଳିସୀ ଶୋଭାଯାତ୍ରା ଅନୁଷ୍ଠିତ ହେବ।ଏସଡିପିଓ ତ୍ରିଲୋଚନ ସେଠୀ ଓ ଧାମନଗର ଆଇଆଇସି ରଞ୍ଜନ କୁମାର ସେଠୀଙ୍କ ତତ୍ତ୍ୱାବଧାରେ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିବାବେଳେ କାଳିସୀ ଶୋଭାଯାତ୍ରା ଓ ଭସାଣି ଉତ୍ସବପାଇଁ ଅଧିକ ପୋଲିସ ଫୋର୍ସ ମୁତୟନ କରାଯିବ ବୋଲି ଜଣାଯାଇଛି।

# ଡିଡିଏମସିଏଚରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ଶୁଭାରମ୍ଭ

କେନ୍ଦୁଝର, (ସବ୍ୟୁ): ସ୍ୱଚ୍ଛତା ହିଁ ସେବା ଅଭିଯାନ ମଙ୍ଗଳବାର ଦିନ କେନ୍ଦୁଝର ଧରଣୀଧର ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲରେ ଆରମ୍ଭ ହୋଇଛି । ଏହା ୩ ଦିନ ଧରି ଚାଲିବ । ଏହି କାର୍ଯ୍ୟକ୍ରମରେ ପରିସର ଏବଂ ଏହାର ସମ୍ମୁଖ ଭାଗରେ ଥିବା ଅଳିଆ ଆବର୍ଜନା ସଫା କରାଯାଇଥିଲା । ଧରଣୀଧର ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲ ପରିସରରେ ଏହି କାର୍ଯ୍ୟକ୍ରମରେ ଅଧିକ୍ଷକ ପ୍ରଫେସର ମହେନ୍ଦ୍ର କୁମାର ନାୟକ,ହସପିଟାଲ ମ୍ୟାନେଜର ରାଜା ପ୍ରଧାନ,ଏଲଏଣ୍ଡକେ ଅପରେସନ ମ୍ୟାନେଜର ଲୋକନାଥ ମିଶ୍ର,ସୁପର ଭାଇଜର ଅନ୍ତର୍ଯ୍ୟାମୀ ବେହେରା,ମହେଶ ମୁଖି ଙ୍କ ସମେତ ମେଡିକାଲ କଲେଜର ବହୁ କର୍ମଚାରୀ ସାମିଲ ହୋଇ ସଫେଇ କାର୍ଯ୍ୟ କରିଥିଲେ । ହସ୍ପିଟାଲ ସମ୍ମୁଖରେ ଥିବା ଦୋକାନ ଗୁଡିକୁ ସ୍ୱଚ୍ଛତା ପାଇଁ ସଚେତନତା କରାଯାଇଥିଲା । ଗ୍ରାହକମାନେ ଏବଂ ଦୋକାନୀ ମଇଳା ଗୁଡିକୁ ଏଣେ ତେଣେ ନ ପକାଇ ଡଷ୍ଟବିନ୍ ରଖି ସେଥିରେ ପକାଇବା ପାଇଁ ପରାମର୍ଶ ଦିଆଯାଇଥିଲା । ସ୍ୱଚ୍ଛତା ଉତ୍ସବ ପାଳନ ଅବସରରେ ଧରଣୀଧର ମେଡିକାଲ କଲେଜ ଏଣ୍ଡ ହସପିଟାଲରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି କାର୍ଯ୍ୟକ୍ରମରେ ୧୦୦ ରୁ ଉର୍ଦ୍ଧ୍ୱ କର୍ମଚାରୀ ସାମିଲ ହୋଇ ସଫେଇ କରିଥିଲେ ।

# ପାଣି ନାଳରେ ବୁଡି ବୃଦ୍ଧଙ୍କ ମୃତ୍ୟୁ

ସୋର,(ସବ୍ୟୁ):ସୋର ବ୍ଲକ ଶିଙ୍ଗାଖୁଣ୍ଟା ପଞ୍ଚାୟତ ନୂଆଗାଁ ଗ୍ରାମରେ ପାଣି ନାଳରେ ବୁଡି ଜଣେ ବୃଦ୍ଧଙ୍କର ମୃତ୍ୟୁ ହୋଇଯାଇଛି। ଏହି ଗ୍ରାମର ନାରାୟଣ ଚଣ୍ଡ(୬୬) ମଙ୍ଗଳବାର ସକାଳେ ବିଲକୁ ଯାଇଥିଲେ। କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିକଟସ୍ଥ ଏକ ନାଳରେ ଭାସୁଥିବାର ଦେଖିଥିଲେ।ସେଠାରୁ ତାଙ୍କୁ ଉଦ୍ଧାର କରି ଏକ ୧୦୮ ଆମ୍ବୁଲାନ୍ସରେ ସୋର ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ମେ ପହଞ୍ଚି ୧୧୦/୨୫ ରେ ଏକ ମାମଲା ରୁଜୁ କରି ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

## AFFIDAVIT

By virtue of an affidavit sworn before Executive Magistrate, Affidavit No. 1947 dated 06.09.2025. I Harapriya Behera, W/o. Kolha Behera permanent resident of Vill/P.O. Chandipal. PS. Bhuban, Dist- Dhenkanal, Pin-759017 declare that I have changed my name from Haripriya Behera to Harapriya Behera. Henceforth, I shall be known as Harapriya Behera for all purposes.

(Harapriya Behera)

## AFFIDAVIT

By virtue of an affidavit sworn before the Executive Magistrate, Dhamnagar I Madan Palai, S/o. Gangadhar Palai, Vill. Mustafapur, P.O.-Dobal, PS-Dhamnagar, Dist-Bhadrak which is mentioned in MS ROR of mouza-Mustafapur, Khata no. 408, Plot no. 1724, Gharabari is stand recorded in the name of my father Gangadhar Palai, But my present address Plot no. 9, Unit-3, Kharavelanagar Bhubaneswar, Dist-Khordha which is recorded in my Adhar card bearing 9712 5878 9968. That I required correction of my Adhar card as per my permanent residential address that is vill-Mustafapur, PO-Dobal, PS-DHAMNAGAR, Dist- Bhadrak.

Sd/- Madan Palai

# ଜଳହରୀ ଗ୍ରାମର ୨ ଘରୁ ଚୋରି

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀର ଥାନା ଅନ୍ତର୍ଗତ ମାଳଦା ପଞ୍ଚାୟତ ଅନ୍ତର୍ଗତ ଜଳହରୀ ଗ୍ରାମର ୨ଟି ଘରୁ ଗତ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଜଣାଯାଇଛି। ଗ୍ରାମର ସଞ୍ଜୟ କୁମାର ମହାରଣାଙ୍କ ଘରେ ପଶି ପ୍ରଥମ ବଖରାରୁ ୨୦ ହଜାର ୪୫୦ ଟଙ୍କା ସହ ସୁନା ହାର ଓ କାନଫୁଲ ଚୋରି କରିପଳାଇଥିଲା। ଏଥିପୂର୍ବରୁ ପଡୋଶୀ ପରମାନନ୍ଦ ସେଠୀଙ୍କ ଘରେ ପଶି ଅନୁରୂପ ଭାବେ ୩୫ ହଜାର ଟଙ୍କା, ୩ ହଳ ସୁନା କାନଫୁଲ, ସୁନା ମଙ୍ଗଳସୂତ୍ର, ରୁପା ମହଲ ଓ ୭ଟି ଏଟିଏମ କାର୍ଡ ଚୋରି ହୋଇଥିବା ଜଣାପଡିଥିଲା। ସଞ୍ଜୟ ଏଥିନେଇ ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି। ପୁଲିସ ବୈଜ୍ଞାନିକ ଅନୁସନ୍ଧାନକାରୀ ଦଳ ସହାୟତାରେ ଘଟଣାସ୍ଥଳରେ ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି।

## AFFIDAVIT

By virtue of an Affidavit sworn before Executive Magistrate, Nayagarh Odisha on dated. 25.09.2025 I, Runubala Barad, W/o- Prasanna Kumar Barad Resident of Village- Ghadual, P.O.- Nayagarh, P.S.- Nayagarh, Dist- Nayagarh, PIN- 752069 declare that I have changed my minor Daughter's name from Priyanshi Pritilagna Barad to Priyashree Pritilagna. Henceforth, She shall be known as Priyashree Pritilagna for all purposes.

Sd/- Runubala Barad

## ଭାରତୀୟ ମାନକ ବ୍ୟୁରୋ

ଖାଉଟି ବ୍ୟାପାର ବିଭାଗ
ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ
ଭାରତ ସରକାର
ମାନକ ଭବନ, ୯ ବାହାଦୁର ଶାହ ଜାଫର ମାର୍ଗ, ନୂଆଦିଲ୍ଲୀ-୧୧୦୦୦୨

**ସଂଶୋଧନ**

୨୩ ଅଗଷ୍ଟ ୨୦୨୫ ତାରିଖରେ ଏମ୍ପ୍ଲୟମେଣ୍ଟ ନ୍ୟୁଜରେ ପ୍ରକାଶିତ ଡେପୁଟେସନ ଆଧାରରେ ସେକ୍ସନ ଅଫିସର ପଦବୀ ପାଇଁ ଆବେଦନ କରିବାର ଶେଷ ତାରିଖ ଶୁକ୍ରବାର, ୩୧ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।

ଅନ୍ୟାନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିଛି ।

ବିସ୍ତୃତ ବିଜ୍ଞାପନ ଏବଂ ଆବେଦନ ଫର୍ମାଟ୍ ପାଇଁ, ଦୟାକରି ବିଆଇଏସ୍ ୱେବସାଇଟ୍, www.bis.gov.in ଦେଖନ୍ତୁ ।

(ଶୋଏବ ଅଖତର)
ନିର୍ଦ୍ଦେଶକ (ପ୍ରତିଷ୍ଠାନ)
ଭାରତୀୟ ମାନକ ବ୍ୟୁରୋ, ନୂଆଦିଲ୍ଲୀ

CBC 08103/12/0011/2526

# ପୋଖରୀରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

କେନ୍ଦୁଝର, (ଜିପ୍ର):କେନ୍ଦୁଝର ଜିଲା ହାଟଡିହୀ ସୁନ୍ଦରାପାଳଠାରେ ଥିବା ଆଦର୍ଶ ବିଦ୍ୟାଳୟର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ମଙ୍ଗଳବାର ପୋଖରୀରେ ଗାଧୋଉଥିବା ବେଳେ ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି ।ସେ ହେଉଛନ୍ତି ବିଷ୍ଣୁପୁର ଗ୍ରାମର ସୁଶାନ୍ତ ଜେନାଙ୍କ ପୁଅ ସାଇ ପ୍ରସାଦ (୧୩ ବର୍ଷ)। ସାଇ ପ୍ରସାଦ ବିଦ୍ୟାଳୟଠାରୁ ପ୍ରାୟ ୧୦ କିମି ଦୂର ଆନନ୍ଦପୁର-ଭଦ୍ରକ ୫୩ନଂ ରାଜ୍ୟ ରାଜପଥର ଜଳକଳଙ୍ଗ ବଜାରରେ ଏକ ଘରୋଇ ଛାତ୍ରବାସରେ ଅନ୍ୟ ଛାତ୍ରମାନଙ୍କ ସହ ମିଶି ରୁହନ୍ତି ।ପ୍ରତିଦିନ ଛାତ୍ରବାସରୁ ବିଦ୍ୟାଳୟକୁ ଯିବା ଆସିବା କରନ୍ତି । ଦଶହରା ଉପଲକ୍ଷେ ବିଦ୍ୟାଳୟ ଛୁଟି ଥିବାରୁ ସାଇ ପ୍ରସାଦ ଘରକୁ ପଳାଇ ଆସିଥିଲେ। କିନ୍ତୁ ମଙ୍ଗଳବାର ପରିବାର ଲୋକ ତାଙ୍କୁ ନେଇ ଛାତ୍ରବାସରେ ଛାଡିକି ଆସିଥିଲେ। ମଙ୍ଗଳବାର ଅନ୍ୟ ଦୁଇ ଛାତ୍ରଙ୍କ ସହ ସାଇ ପ୍ରସାଦ ନିକଟସ୍ଥ ଜଳକଳଙ୍ଗ ଗ୍ରାମ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ଗାଧୋଇବା ସମୟରେ ସାଇ ପ୍ରସାଦ ପୋଖରୀ ଭିତରକୁ ଚାଲିଯାଇ ପାଣିରେ ବୁଡି ଯାଇଥିଲେ ।ଖବର ପାଇ ନନ୍ଦିପଦା ପୋଲିସ ଏବଂ ହାଟଡିହୀ ଦମକଳ ବାହିନୀ ଦୀର୍ଘ ସମୟ ଖୋଜାଖୋଜି ପରେ ଦ ସାଇ ପ୍ରସାଦଙ୍କୁ ଉଦ୍ଧାର କରି ପ୍ରଥମେ ହାଟଡିହୀ ଏବଂ ପରେ ଆନନ୍ଦପୁର ଉପଖଣ୍ଡ ମେଡିକାଲକୁ ନେଇଥିଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ନନ୍ଦିପଦା ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ କରାଇଛି । ଅପମୃତ୍ୟୁ ମାମଲା ନଂ ୧୩/୨୦୨୫ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ରବିନ୍ଦ୍ର ପାତ୍ର କହିଛନ୍ତି ।

# ପୁରୁଣା ବଜାର ଦୁର୍ଗାପୂଜା ବୁଲିଲେ ମୁଖ୍ୟମନ୍ତ୍ରୀ



କେନ୍ଦୁଝର, (ଜିପ୍ର/ସବ୍ୟୁ):କେନ୍ଦୁଝର ଜିଲ୍ଲାର ପୁରୁଣା ବଜାର ସାର୍ଜନୀନ ଶ୍ରୀ ଦୁର୍ଗାଉତ୍ସବ କଲଚରାଲ କମିଟି ତରଫରୁ ଦୁର୍ଗାପୂଜାରେ ପ୍ଲାଟିନମ ଜୁବୁଲି ପାଳନ କରାଯାଉଛି । ଏଥିପାଇଁ ୫ ଦିନ ଧରି ପ୍ରତ୍ୟେକ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ମଙ୍ଗଳବାର ଦ୍ୱିତୀୟ ଦିନରେ ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ମା ଦୁର୍ଗତିନାଶିନୀ ଦୁର୍ଗାଙ୍କର ଦର୍ଶନ କରି ଖୁସିବ୍ୟକ୍ତ କରିଥିଲେ । ଏହା ପରେ କମିଟିର ସଭାପତି ସଂଗ୍ରାମ ଦାସଙ୍କ ସଂଯୋଜନାରେ ମୁଖ୍ୟମନ୍ତ୍ରୀଙ୍କୁ କମିଟି ତରଫରୁ ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ଉତ୍ସବରେ ବିନୋଦ ବିହାରୀ ବେଜ, ଗଦାଧର ପୃଷ୍ଟି, ନିହାର ରଞ୍ଜନ ଦାସ, ଦିଲ୍ଲୀପ ପଣ୍ଡା, ସୁରେନ୍ଦ୍ର ଦାଶ, ଗୋପନାଥ ରାମ, ଉପସଭାପତି ପ୍ରିୟପଦ ମିଶ୍ର, ସମ୍ପାଦକ ଜିତେନ୍ଦ୍ର ସାହୁ. ଯୁଗ ସମ୍ପାଦକ ଦଶରଥ ସାହୁ,ସତ୍ୟଜିତ ମିଶ୍ର, ଅଭିନାଶ ରାଉତ, ରାଜୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା ଗାୟକ ରମାକାନ୍ତ ପାତ୍ର ଓ ସାଥୀ କଳାକାର ମାନଙ୍କୁ ନେଇ ପାଲା ପରିବେଷଣ କରାଯାଇଥିଲା । ଦ୍ୱିତୀୟ ପର୍ବରେ ଯୁବ କଣ୍ଠଶିଳ୍ପୀ ଦେବଦର୍ଶନ ଦାଶ ସଂଯୋଜନାରେ କଳାକାର ମାନଙ୍କୁ ନେଇ ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା ।

## ଓଡ଼ିଶା ସରକାର
## ରାୟଗଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଘୋଷଣା

ସଂଖ୍ୟା ୯୭୭ — ତାରିଖ : ୦୯.୦୯.୨୦୨୫

**XXVIII-05 :** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R. Act, 2013) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା - ପାଇକପଡା, ତହସିଲ-ରାୟଗଡା, ଥାନା- ଚାନ୍ଦିଲି, ଜିଲ୍ଲା- ରାୟଗଡା**ରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା-ପୂଜାରିଗୁଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୩୧୫୮ ତା. ୨୮.୦୮.୨୦୨୩ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, **ମୌଜା - ପାଇକପଡା, ତହସିଲ-ରାୟଗଡା, ଥାନା- ଚାନ୍ଦିଲି, ଜିଲ୍ଲା- ରାୟଗଡା**ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ ।

**ତଫସିଲ - କ**
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା - ରାୟଗଡା — ତହସିଲ- କୋଲନରା

| କ୍ର ନଂ. | ଗ୍ରାମର ନାମ | ଗ୍ରାମ ପଞ୍ଚାୟତର ନାମ | ତହସିଲ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ମୋଟ ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧ | ପାଇକପଡା | କେଲିଗୁଡା | କୋଲନରା | ଗ୍ରାମାଞ୍ଚଳ | ଏଥି ସହ ସଂଲଗ୍ନ ଅଛି | ଏଥି ସହ ସଂଲଗ୍ନ ଅଛି | ଏଥି ସହ ସଂଲଗ୍ନ ଅଛି | ଏ ୮.୮୫ | ଏ.୩.୨୦ | ଏଥି ସହ ସଂଲଗ୍ନ ଅଛି |

ପ୍ରଯୁଜ୍ୟ ନୁହେଁ

**ତଫସିଲ - ଖ**
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

| କ୍ର ନଂ. | ଗ୍ରାମର ନାମ | ଗ୍ରାମ ପଞ୍ଚାୟତର ନାମ | ତହସିଲ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ମୋଟ ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ |

ଅଧିସୂଚନା ବୈଧ ତାରିଖ : ୦୯.୦୯.୨୦୨୫

ରାଜ୍ୟପାଳଙ୍କ ଆଦେଶ କ୍ରମେ
ସ୍ୱା/- ଜିଲ୍ଲାପାଳ, ରାୟଗଡା

**ତଫସିଲ-କ**
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)
ପୂଜାରିଗୁଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିମନ୍ତେ ପ୍ରସ୍ତାବିତ ଭୂମି ଅଧିଗ୍ରହଣ ବିବରଣୀ
ମୌଜା-ପାଇକପଡା (ଗ୍ରାମାଞ୍ଚଳ), ତହସିଲ-କୋଲନରା, ଥାନା-ଚାନ୍ଦିଲି, ଥାନା ନଂ.-୧୨, ଜିଲ୍ଲା-ରାୟଗଡା

| କ୍ର.ନଂ | ଖାତା ନଂ. | ସତ୍ୱ | କିସମ | ପ୍ଲଟ ନଂ. | ପ୍ଲଟର ମୋଟ ରକବା (ଏକର) | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା (ଏକର) | ରୟତଙ୍କ ନାମ ପିତାଙ୍କ ନାମ / ସ୍ୱାମୀଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ୧୭ | ରୟତି | ଡଙ୍ଗର ତିନି | ୧୮୫ | ୧.୦୬ | ୦.୨୦ | ରାମଚନ୍ଦ୍ର ରଥ |
| | | | ଡଙ୍ଗର ତିନି | ୧୮୬ | ୦.୫୮ | ୦.୪୦ | ପି: ବୈଦ୍ୟନାଥ ରଥ, |
| | | | ଡଙ୍ଗର ତିନି | ୧୭୬ | ୭.୨୧ | ୨.୬୦ | ଜା: ବ୍ରାହ୍ମଣ, ବା : ନିଜଗାଁ |
| | | | ମୋଟ | | ୮.୮୫ | ୩.୨୦ | |

OIPR : 24169/14/0015/2526 — ସ୍ୱା/- ଜିଲ୍ଲାପାଳ, ରାୟଗଡା

BAJAJ FINSERV

## ସ୍ୱର୍ଣ୍ଣ ଅଳଙ୍କାର ନିଲାମ ନିମନ୍ତେ ଖବରକାଗଜର ସର୍ବସାଧାରଣ ବିଜ୍ଞପ୍ତି
ବଜାଜ ଫାଇନାନ୍ସ ଲିମିଟେଡ୍
ପଞ୍ଜୀକୃତ କାର୍ଯ୍ୟାଳୟ: ମୁମ୍ବାଇ-ପୁନେ ରୋଡ, ଅକୁରଦି, ପୁନେ-411035

ଏତଦ୍ୱାରା BFL ପକ୍ଷରୁ, ସମସ୍ତ ସମ୍ପୃକ୍ତ ଋଣକର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚିତ କରାଇଦିଆଯାଉଛି ଯେ, ଗୋଲ୍ଡ ଲୋନ୍ ନେବା ସମୟରେ ଋଣକର୍ତ୍ତା ମାନେ ସିକ୍ୟୁରିଟି ବାବଦରେ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକ, ଯାହା ସମ୍ପୃକ୍ତ ଲୋନ ଖାତା ପାଇଁ ଥିବ ଓ ସେହି ଲୋନ୍ ର ପରିଶୋଧରେ ଯଦି ସେମାନେ ବିଫଳ ହେବେ ବା ଉପଯୁକ୍ତ ମାର୍ଜିନ ରାଶି ଜମା କରି ପାରିବେ ନାହିଁ, ବାରମ୍ବାର ବିଜ୍ଞପ୍ତି ପରେ ବି ଯଦି ବିଫଳ ହୁଅନ୍ତି ତେବେ ସେହି ଗୁଡ଼ିକୁ "ଯେଉଁଠି ବି ଯେମିତି ବି ସ୍ଥିତି ରେ ଥିବ ସେହି ଅବସ୍ଥା ରୁ ହିଁ" ନିଲାମ ପାଇଁ ଉପସ୍ଥାପନ କରି ଦିଆଯିବ। ନିଲାମରେ ଅଂଶଗ୍ରହଣକାରୀ ନିମ୍ନ ସର୍ତ୍ତାବଳୀ ଅନୁସରଣ କରିବାକୁ ସେମାନଙ୍କୁ ଅନୁରୋଧ କରାଯାଉଛି:

(କ) ସର୍ବସାଧାରଣ ବିଜ୍ଞପ୍ତିକୁ ସମ୍ପୂର୍ଣ୍ଣ ଭାବରେ ଜାଣିବାକୁ (ଲୋନ୍, ଅଳଙ୍କାର, ମୋଟାମୋଟି ଓଜନ, ନିଲାମ ସ୍ଥାନ ଓ ସମୟ ଇତ୍ୟାଦି) ପାର୍ଶ୍ୱରେ ଥିବା QR କୋଡ୍‌କୁ ସ୍କାନ୍ କରିପାରିବେ;
(ଖ) ନିଲାମ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ନିୟମାବଳୀ ଗୁଡ଼ିକୁ ଜାଣିବା ପାଇଁ ("T&CS") ଯାହା ଏହି ବିଜ୍ଞପ୍ତି ସହ ସମ୍ପୃକ୍ତ, ସେଇଥିପାଇଁ ନିମ୍ନ ୱେବଲିଙ୍କକୁ ଯାଇପାରିବେ: http://172.30.1.235:3000/?WOUB2QG9WU
(ଗ) ସର୍ତ୍ତ ଓ ନିୟମାବଳୀ ଗୁଡ଼ିକୁ ବୁଝିବା ଏବଂ ତାପରେ ନିଲାମର ତାରିଖ ଦିନ ବା ତା ପୂର୍ବରୁ ଫଣ୍ଡ ଟ୍ରାନ୍ସଫର ମାଧ୍ୟମରେ (NEFT/RTGS/ବଜାଜ ଗୋଲ୍ଡ ଅକ୍ସନ୍ ଆପ୍) ଆବଶ୍ୟକ ଅଗ୍ରୀମ ରାଶି ଟ. 25,000 ଜମା କରିବା ପାଇଁ;
(ଘ) ନିଲାମ ସ୍ଥାନରେ ସକାଳ 10ଟା ପୂର୍ବରୁ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହିବେ; ଏବଂ
(ଙ) ନିଲାମ ସ୍ଥଳକୁ ସେମାନଙ୍କର ପରିଚୟ ଓ ଠିକଣାର ବୈଧ ପ୍ରମାଣ ପତ୍ର ନେଇ ଆସିବେ।
(ଚ) ନିଲାମ ତାରିଖକୁ ମଧ୍ୟାହ୍ନ 12ଟା ପରେ ନିଲାମକାରୀମାନେ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ନାହିଁ।
(ଛ) ଶାଖା ପରିଚାଳକ/ନିଲାମକାରୀ ଅର୍ନେଷ୍ଟ ମନି ଡିପୋଜିଟ୍ (ଇ.ଏମ୍.ଡି) ଦେୟ ପରେ ମଧ୍ୟ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଅଂଶଗ୍ରହଣ କରିନଥିବା ବିଡରମାନଙ୍କୁ ସ୍ୱୀକାର କରିବା କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।

ସ୍କାନ୍ କରନ୍ତୁ

ନିଲାମ ର ସ୍ଥାନ, ସମୟରେ ଯଦି କୌଣସି ପରିବର୍ତ୍ତନ ହୋଇଥିବ, ତାହା ନିଲାମ କେନ୍ଦ୍ରରେ ସୂଚିତ କରିଦିଆଯିବ। ଆପଣ ନିଲାମରେ ଅଂଶଗ୍ରହଣ ଆବେଦନ ଜମା କରିବା ଅର୍ଥ, ଉପରୋକ୍ତ ସର୍ତ୍ତାବଳୀ ଅନୁସରଣ କରୁଛନ୍ତି ବୋଲି ବିବେଚନା କରାଯିବ। ଯଦି କୌଣସି ପ୍ରକାରରେ ସର୍ବସାଧାରଣ ନିଲାମି ବିକ୍ରୟ ଖାରଜ/ବରଖାସ୍ତ ହୋଇଯାଏ ତେବେ BFL, ପ୍ରାଇଭେଟ ବିକ୍ରୟ ମାଧ୍ୟମରେ ସୁନାଗହଣା ଗୁଡ଼ିକର ବିକ୍ରୟ କରିବା ପାଇଁ ଅଧିକାର ନିଜ ପାଖରେ ସଂରକ୍ଷିତ ରଖିଛି। କୌଣସି ପ୍ରକାର ଅନୁସନ୍ଧାନ ପାଇଁ ଆପଣ ଆମକୁ ଏଇ ମେଲ ଆଇଡି ମାଧ୍ୟମରେ ସମ୍ପର୍କ କରିପାରିବେ: gold.auction@bajajfinserv.in

(10-11-25): ଅନୁଗୋଳ ଗାନ୍ଧୀ ରୋଡ: PJD6SGL13560137. ଆଠଗଡ଼-ବୀରକିଶୋରପୁର: PCQ8SGL13423360, 13561734, 13595589, 13593021, 13721409, 13746376, 13747730. ବାଲେଶ୍ୱର-ପୋଲିସ୍ ଲାଇନ୍ ସ୍କୋୟାର: PEI4SGL13509351, 13643460, 13715165, 13758502, 13757823, 13773028, 13774348, 13783203, 13826743. ବାଲୁଗାଁ-ମେନ୍ ରୋଡ: PCQ9SGL13411982, 13509436, 13620204, 13618250, 13656235, 13676290, 13766042. ଭୁବନେଶ୍ୱର ଖଣ୍ଡଗିରି: PER5SGL13542989, 13822535. ଉମରକୋଟ - ଗୁଳିପାଟଣା: PJE3SGL13443007, 13546294, 13607245, 13743946. (11-11-25): ବଲାଙ୍ଗୀର - ଗୋପାଳଜୀ ରୋଡ: PJD7SGL13624398. ବରଗଡ଼ - ଖାରକଟୀ ବାଲ: PGC3SGL13404493, 13428985, 13444944, 13459999, 13457911, 13473778, 13531235, 13590844, 13620798, 13657039, 13684065, 13694802, 13716038, 13740693, 13760372, 13754859, 13782540, 13783355, 13823419, 13822851. ବାରିପଦା - KC ସର୍କଲ: P4C7SGL13443960, 13559500, 13580098. ବାସୁଦେବପୁର-AB କଲେଜ ଚୌକ: PJE1SGL13450898, 13440445, 13445243, 13472862, 13537340, 13566332, 13602834, 13625001, 13622610, 13638373, 13641904, 13718440, 13762571. ବ୍ରହ୍ମପୁର - କମାପଲ୍ଲି ଚକ: PB63SGL13405672, 13759037. ଭଦ୍ରକ ସାଲାନ୍ଦି ବାଇପାସ୍: PCR1SGL13443478, 13473968, 13528657, 13637411, 13704835, 13744578, 13735471. ଭବାନୀପାଟଣା - BGL: PU41SGL13475121, 13542098, 13549217, 13576137, 13695313, 13744748, 13780941. (12-11-25) ଭୁବନେଶ୍ୱର - BGL: P423SGL13424438, 13462081, 13489087, 13509361, 13509046, 13581572, 13607136, 13712767, 13760116, 13804985, 13803242. ବୁର୍ଲା-ମେନ୍ ରୋଡ: PLH7SGL13404219, 13405786, 13426602, 13424456, 13431651, 13429599, 13432883, 13425909, 13443103, 13442560, 13447353, 13442409, 13462597, 13458449, 13458252, 13482126, 13506142, 13534242, 13532957, 13534987, 13525486, 13532397, 13547871, 13548488, 13545645, 13559996, 13562678, 13578202, 13594494, 13595832, 13604898, 13604775, 13622963, 13625132, 13625858, 13619370, 13657716, 13696378, 13693896, 13702157, 13740617, 13775876, 13806739, 13823101. ଚୌଦ୍ୱାର - କଳିଙ୍ଗ ଚକ: PLE8SGL13459512, 13457885, 13550468, 13587941, 13701540, 13713195, 13746437, 13739040, 13774614, 13773921, 13825591. କଟକ - ଲିଙ୍କ ରୋଡ: PGG9SGL13559262, 13629478, 13646858, 13643407. ମଦନପୁର ରାମପୁର ମେନ୍ ରୋଡ: PLF2SGL13565914. ଟାଙ୍ଗୀ-ମେନ୍ ରୋଡ: PG01SGL13458810, 13477087, 13533940, 13547976, 13589546, 13628770, 13675255, 13676758, 13674690, 13702545, 13693846, 13698067, 13715797, 13736716, 13762374, 13761845, 13761246. (13-11-25) ଗୁଣୁପୁର - ବାଇପାସ୍ ରୋଡ: PL09SGL13512433, 13587724. ଜଗତସିଂହପୁର - ଦୁର୍ଗାବଜାର: PU42SGL13408554, 13427667, 13474825, 13545664, 13592489, 13629392, 13638115, 13647471, 13736452, 13754446, 13818011. ଯାଜପୁର ମଙ୍ଗଳପୁର: PLF4SGL13698767, 13754047, 13801008. ଯାଜପୁର - ସିଂହପୁର: PLS4SGL13745491. ଯାଜପୁର - ଟାଉନ୍ ଶୀତଳେଶ୍ୱର: PJU7SGL13429796, 13735678. ଯାଜପୁର ରୋଡ - ବ୍ୟାଙ୍କ ଷ୍ଟ୍ରିଟ: PKI2SGL13465080, 13590238, 13703059. (14-11-25) କଟଣୀ - ମେନ୍ ରୋଡ: PCR2SGL13407021, 13481815, 13534025, 13532779, 13604273, 13658421, 13756793, 13816592, 13826907. ଜୟପୁର-ଏମ୍.ଜି ରୋଡ: PGH2SGL13407015, 13406686, 13441236, 13443341, 13447646, 13505405, 13547539, 13592716, 13588497, 13592385, 13608211, 13607776, 13620522, 13675722, 13676913, 13714556, 13781707, 13783369, 13804505, 13817801. ଝାରସୁଗୁଡ଼ା - ବେହାରମାଲ: PG62SGL13431879, 13431378, 13481926, 13478837, 13496713, 13510507, 13510954, 13543330, 13592914, 13594349, 13590306, 13603778, 13621032, 13623508, 13638786, 13662417, 13658862, 13695030, 13739598, 13799560, 13818273. କଣିହା - NTPC ବାଇପାସ୍ ରୋଡ: PV26SGL13424479, 13492458, 13757007. କେନ୍ଦ୍ରାପଡ଼ା-କଲେଜ ସ୍କୋୟାର: PGT6SGL13481610, 13526419, 13558928, 13695496, 13754244. ତାଳଚେର - ହତାଡୋବା ଛକ: PJU8SGL13458363, 13565901, 13564336, 13589980, 13683797, 13763550, 13819097. (17-11-25) କେନ୍ଦୁଝର-ମାଇନିଂ ରୋଡ: PCQ7SGL13565182, 13698666, 13744679, 13773375. କୁଚିଣ୍ଡା - BGL: P93KSGL13404322, 13425398, 13426525, 13507907, 13549387, 13575278, 13606742, 13629350, 13656836, 13705673, 13697517, 13716307, 13746873, 13735135. ନବରଙ୍ଗପୁର - ପଟେଲ ମାର୍ଗ: PCR3SGL13431676, 13429000, 13427593, 13464691, 13480486, 13508580, 13531362, 13544164, 13545709, 13544696, 13562002, 13675314, 13694262, 13695015, 13764975, 13757180, 13778946, 13783348, 13818940, 13822700. ନିଆଳି ମେନ୍ ରୋଡ: PJD4SGL13462836, 13475161, 13576735, 13625177, 13661334, 13763088. ନୀଳଗିରି - ମେନ୍ ରୋଡ: PL08SGL13425978, 13736973, 13755925. (18-11-25) ନିମାପଡ଼ା - ଗଣେଶ ବଜାର: PJE2SGL13464959, 13593489, 13660195, 13693609, 13718965, 13717684, 13801651, 13819369. ନୂଆପଡ଼ା ମେନ୍ ରୋଡ: P86HSGL13425292, 13463698, 13490898, 13505736, 13544621, 13577740, 13595200, 13622547, 13715764, 13806603, 13800985. ଫୁଲବାଣୀ - BGL: P93ASGL13432511, 13430920, 13494118, 13531439, 13566165, 13565727, 13603092, 13629293, 13679429, 13698606, 13735862, 13757675, 13825343, 13817573. ପୁରୀ ସି.ଆଇ.ଟି ରୋଡ: PEK3SGL13428163, 13457431, 13459203, 13546646, 13609487, 13621753, 13696406, 13696089, 13716026, 13735101, 13755377, 13777838, 13778653. ରାଜଗାଙ୍ଗପୁର ମେନ୍ ରୋଡ: P504SGL13431077, 13566611, 13631107, 13678447, 13723401, 13745638. (19-11-25) ରାଜନଗର - ମେନ୍ ରୋଡ: PLJ3SGL13590214, 13764954. ରାୟଗଡ଼-ଜି.ଏସ୍.ଆର୍ ରୋଡ: PCR4SGL13435656, 13505407, 13545976, 13602695, 13619102, 13678813. ରାଉରକେଲା-କୋଏଲ ନଗର: PER3SGL13820097. ସଖୀଗୋପାଳ - ରେଳୱେ ଲେଭେଲ କ୍ରସିଙ୍ଗ: PLJ2SGL13778958. ସାଲେପୁର - ମେନ୍ ରୋଡ: PGN9SGL13590559, 13698893. ସୁନ୍ଦରଗଡ଼ ହସ୍ପିଟାଲ୍ ରୋଡ୍: PJU9SGL13403314, 13440921, 13543935, 13657144, 13659910, 13681808.

ବଜାଜ ଫାଇନାନ୍ସ ଲିମିଟେଡ୍

(ଶ୍ରୀମଦ୍ଭଗବଦ୍ ଗୀତା ୧୮/୫୪)
–ମୋକ୍ଷଯୋଗଃ–(ଶ୍ରୀଭଗବାନୁବାଚ)
**ବ୍ରହ୍ମଭୂତଃ ପ୍ରସନ୍ନାତ୍ମା ନ ଶୋଚତି ନ କାଙ୍କ୍ଷତି ।**
**ସମଃ ସର୍ବେଷୁ ଭୂତେଷୁ ମଦ୍ଭକ୍ତିଂ ଲଭତେ ପରାମ୍ ॥ ୫୪ ॥**
(ବ୍ରହ୍ମାହମିତି ନୈଶ୍ଚଲ୍ୟେନ ଅବସ୍ଥାନସ୍ୟ ଫଳମାହ)– ବ୍ରହ୍ମଭୂତଃ (ବ୍ରହ୍ମଣି ଅବସ୍ଥିତଃ), ପ୍ରସନ୍ନାତ୍ମା (ପ୍ରସନ୍ନଚିତ୍ତଃ (ନଷ୍ଟଂ) ନ ଶୋଚତି (ଦେହାଦ୍ୟଭିମାନାଭାବାତ୍), (ଅପ୍ରାପ୍ତଂ ଚ) ନ କାଙ୍କ୍ଷତି, (ଅତଏବ ରାଗଦ୍ୱେଷାଦିକୃତବିକ୍ଷେପାଭାବାତ୍) ସର୍ବେଷୁ ଅପି ଭୂତେଷୁ (ସର୍ବଭୂତେଷୁ) ସମଃ ସନ୍ (ମତ୍ତାବନାଲକ୍ଷଣାଂ) ପରାଂ (ପରମାଂ) ମଦ୍ଭକ୍ତିଂ ଲଭତେ ॥ ୫୪॥

# ଓଡ଼ିଶାରେ ଦୁର୍ଗା ଉପାସନା

ଓଡ଼ିଶାରେ ଦୁର୍ଗା ଉପାସନାର ପରମ୍ପରା ଖୁବ୍ ନିବିଡ଼ ଭାବେ ପାଳନ କରାଯାଉଥିବା ପରିଲକ୍ଷିତ ହେଉଛି । ଶରତ କାଳରେ ଏହି ଶାରଦୀୟ ଦୁର୍ଗା ଉପାସନାର ଆରମ୍ଭ ଷଷ୍ଠୀ ତିଥିରୁ ଓ ଏହାର ସମାପ୍ତ ଦଶହରାରେ ଦୀର୍ଘ ଦିନ ଧରି ଚାଲି ଆସିଛି । ତେଣୁ ଓଡ଼ିଶାରେ ଏହା ଏକ ଗଣପର୍ବରେ ପରିଣତ ହୋଇଛି । ଆମର ସାମାଜିକ ଓ ସାଂସ୍କୃତିକ ଜୀବନକୁ ଏହି ଦୁର୍ଗା ଉପାସନା ଗଭୀର ଭାବରେ ପ୍ରଭାବିତ କରିଛି । ଏବେ ଅବଶ୍ୟ ଗୁଜରାଟ ଓ ଅନ୍ୟ କେତେକ ରାଜ୍ୟର ପ୍ରଭାବରେ ଏହି ସମୟରେ ନବରାତ୍ର ପାଳନ ହୋଇଥାଏ । ମୁଖ୍ୟତଃ ମାତୃଶକ୍ତିକୁ ସମ୍ମାନ ଜଣାଇ ତାଙ୍କର ଆରାଧନାରେ ମନପ୍ରାଣ ଢାଳିଦେବା ଓଡ଼ିଆମାନଙ୍କ ଭକ୍ତି ଭାବର ନିଦର୍ଶନ ବୋଲି ମନେ ହୋଇଥିଲେ ମଧ୍ୟ ମାତୃଜାତି ଉପରେ ଅସାମାଜିକ ଲୋକଙ୍କ ଅତ୍ୟାଚାର ନାନାଦି ବ୍ୟଭିଚାର ଯେପରି ଓଡ଼ିଶାରେ ବୃଦ୍ଧି ପାଉଛି, ତାହା ହିଁ ସଚେତନ ଲୋକଙ୍କୁ ବିସ୍ମିତ କରିଛି, ସେହି ମା'ର ଅବଦାନକୁ ଭୁଲିଯାଇ ଆମ ଅସାମାଜିକ ଲୋକେ ମାତୃ ଜାତି ପ୍ରତି ଅସାମାଜିକତା ଆଚରଣ ପ୍ରଦର୍ଶନ କରିବା କିପରି ସମ୍ଭବ ହେଉଛି ? ପିଲାମାନଙ୍କୁ ଉପଯୁକ୍ତ ଶିକ୍ଷା ପ୍ରଦାନ କ୍ଷେତ୍ରରେ କେଉଁଠି ନା କେଉଁଠି ତ୍ରୁଟି ରହି ଯାଉଛି । ଆମେମାନେ ଏଥିପ୍ରତି ସତର୍କତା ଅବଲମ୍ବନ କରିବା ଉଚିତ । ବିଶିଷ୍ଟ ଗବେଷକ ଓ ଲେଖକ ଶ୍ରୀ ପୂର୍ଣ୍ଣେନ୍ଦୁ କୁମାର ନନ୍ଦ ଉଲ୍ଲେଖ କରିଛନ୍ତି, 'ମାତୃଶକ୍ତି ଶରଣାଗତିଙ୍କ ଶରଣାଗତି ପାଇଁ ଦେବୀ ଆରାଧନା ପ୍ରଥମେ ପ୍ରାଚୀନ ଶବର ବା ଆଦିମ ଅଧିବାସୀଙ୍କ ଦ୍ୱାରା ଭିନ୍ନ ରୂପରେ ପ୍ରଚଳିତ ଥିଲା । ପ୍ରାଚୀନ କଳିଙ୍ଗରେ ଦେବୀଙ୍କୁ ପ୍ରଥମେ ଆଦିମ ଅଧିବାସୀମାନେ ବୃକ୍ଷର ସ୍ତମ୍ଭ ମାଧ୍ୟମରେ ଓ ସ୍ଥଳବିଶେଷରେ ଜଙ୍ଗଲର ଲତାପତ୍ରରେ ଭୂଷିତ କରି ଉପଲବ୍ଧି କରିଥିଲେ । ଏଥିପାଇଁ 'ପର୍ଣ୍ଣ ଶବରୀ' ଓ 'ନଗ୍ନ ଶବରୀ' ଉପାସନା ପ୍ରଚଳନ କରାଯାଇଥିଲା । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ବିନ୍ଧ୍ୟ ଓ ମହେନ୍ଦ୍ରଗିରି ଅଞ୍ଚଳରେ ଶବର ଓ ପୁଳିନ୍ଦମାନେ ଏହିପରି ଦେବୀ ଉପାସନା କରୁଥିଲେ ।' (ଓଡ଼ିଶାରେ ଶାରଦୀୟ ଦୁର୍ଗାପୂଜା, ପୃଷ୍ଠା–୬୦, ଭାରତୀୟ ଦେବଦେବୀ ଓ ଶ୍ରୀଜଗନ୍ନାଥ' ପୁସ୍ତକରୁ ଉଦ୍ଧୃତ)

ଇତିହାସକୁ ଅନୁଧ୍ୟାନ କଲେ, ଜଣାଯାଇଥାଏ ଯେ ପ୍ରାୟ ତୃତୀୟ ଶତାବ୍ଦୀ ବେଳକୁ ପ୍ରାଚୀନ ଓଡ଼ିଶାରେ ଦୁର୍ଗାଙ୍କୁ ଆରାଧନା ନିୟମିତ ହେଉଥିଲା ବୋଲି 'ଉଦ୍ରଖ' ଶିଳାଲେଖରୁ ଜଣା ପଡ଼ିଥାଏ । ପ୍ରାୟ ପଞ୍ଚଦଶ ଶତାବ୍ଦୀ ବେଳକୁ ଓଡ଼ିଶାର ବିଭିନ୍ନ ରାଜବାଟୀ, ଦେବୀ ପୀଠ ଓ ଜମିଦାରମାନଙ୍କ ଘରେ ଦୁର୍ଗାପୂଜାମାନ ପାଳିତ ହୋଇ ଆସୁଥିଲା । ବିଭିନ୍ନ ଅଞ୍ଚଳରେ କନକ ଦୁର୍ଗା ଓ ବନଦୁର୍ଗା ପ୍ରଭୃତି ବିଭିନ୍ନ ନାମରେ ଦୁର୍ଗା ଉପାସନା ଆରମ୍ଭ ହୋଇଥିଲା ଏବଂ ଏବେ ମଧ୍ୟ ଏହା ପ୍ରଚଳିତ ରହିଥିବା ଜଣା ପଡ଼ିଥାଏ ।

ଓଡ଼ିଶାର ବିଭିନ୍ନ ପୀଠରେ ପୁରୋହିତମାନଙ୍କ ମନ୍ତ୍ରୋଚାରଣ, ଯଜ୍ଞକର୍ମ, ଚଣ୍ଡୀପାଠର ଧ୍ୱନି ମଧ୍ୟ ଆମମାନଙ୍କୁ ମୁଗ୍ଧ କରିଥାଏ ।

ଏହି ଦେବୀ ଦୁର୍ଗାଙ୍କ ଉତ୍ପତ୍ତି ବିଷୟରେ ସୁଲେଖିକା ଡକ୍ଟର ସୁଚେତା ରାଉତ ଉଲ୍ଲେଖ କରିଛନ୍ତି, 'ପୁରାଣରୁ ଜଣାପଡେ ଯେ ମହିଷାସୁରର ଅତ୍ୟାଚାରରେ ଭୟଭୀତ ହୋଇ ଦେବଗଣ ନାରାୟଣଙ୍କ ଯେତେବେଳେ ପ୍ରାର୍ଥନା କରିଛନ୍ତି, ନାରାୟଣ ସେମାନଙ୍କ ପରିସ୍ଥିତି ଉପଲବ୍ଧି କରି ସମସ୍ତଙ୍କୁ ଏକ ସ୍ଥାନରେ ବସି ମହିଷାସୁରର ନିଧନ ବିଷୟରେ ଚିନ୍ତା କରିବା ପାଇଁ କହିଲେ, ଏକତ୍ର ସର୍ବ ଦେବତାଙ୍କ ମୁଖରୁ ଅଗ୍ନି ସ୍ଫୁଲିଙ୍ଗ ସୃଷ୍ଟି ହେଲା । ସେହି ଅଗ୍ନି ସ୍ୱର୍ଗ, ମର୍ତ୍ତ୍ୟ ଓ ସର୍ବଦିଗକୁ ବ୍ୟାପିଗଲା । ସେ ତେଜରୁ ଏକ ମହା ତେଜସ୍ୱିନୀ ନାରୀ ମୂର୍ତ୍ତି ଆର୍ବିଭୂତା ହେଲେ । ସେହି ଜ୍ୟୋତିର୍ମୟୀ, ତେଜସ୍ୱିନୀ ଆଦ୍ୟାଶକ୍ତି 'ଦୁର୍ଗା' ନାମରେ ଅଭିହିତା ହେଲେ ।'

ସେ ମଧ୍ୟ ଉଲ୍ଲେଖ କରିଛନ୍ତି, 'ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣରୁ ପ୍ରମାଣ ମିଳେ ଯେ ଖ୍ରୀଷ୍ଟପୂର୍ବ ଦୁଇ ହଜାର ମସିହା ବେଳକୁ ଭାରତରେ ମୃର୍ତ୍ତିକା ନିର୍ମିତ ଦେବୀମାନଙ୍କୁ ପୂଜା କରା ଯାଉଥିଲା । ଖ୍ରୀଷ୍ଟିୟ ତୃତୀୟ ଶତକର କୃଶାଣ ରାଜତ୍ୱ କାଳରେ ଦେବୀ ପୂଜାର ଭାବନା ଭାରତରେ ପ୍ରସାର ଲାଭ କରିଥିଲା ।........ଓଡ଼ିଶାରେ ମଧ୍ୟ କାଷ୍ଠ, ପ୍ରସ୍ତର, ଧାତୁ ଓ ମୃର୍ତ୍ତିକାରେ ଅନୁରୂପ ଭାବେ ଦୁର୍ଗା ମୂର୍ତ୍ତି କ୍ରମଶଃ ନିର୍ମିତ ହୋଇ ସାର୍ବଜନୀନ ପୂଜାର ରୂପ ପରିଗ୍ରହ କଲା । (ଓଡ଼ିଶାରେ ଦେବୀ ଉପାସନା ପୁସ୍ତକର ୧୩ ପୃଷ୍ଠାରୁ ଉଦ୍ଧୃତ )

ଅବଶ୍ୟ ଓଡ଼ିଶାର ପୁରାତନ ସହର କଟକ ଓ ଏହାପରେ ଭୁବନେଶ୍ୱରରେ ଦୁର୍ଗାପୂଜାରେ ବିଭିନ୍ନ ମୃଣ୍ମୟୀ ମୂର୍ତ୍ତି ଓ ମେଢ଼ର ଆକର୍ଷଣୀୟ ସାଜସଜ୍ଜା ଜନସାଧାରଣଙ୍କୁ ମୁଗ୍ଧ କରିଥାଏ । ରାଜ୍ୟର ରାଉରକେଲା ଓ ଅନ୍ୟାନ୍ୟ ସହରରେ ମଧ୍ୟ ଆକର୍ଷଣୀୟ ସାଜସଜ୍ଜା ଲୋକଙ୍କ ମଧ୍ୟରେ ଉନ୍ମାଦନା ଆଣିଥାଏ । କିନ୍ତୁ ଦେବୀ ପୀଠ ଶ୍ରୀମନ୍ଦିରସ୍ଥିତ ବିମଳା, ଶାରଳା,କଟକ ଚଣ୍ଡୀ, ତାରିଣୀ, ତାରାତାରିଣୀ, ଉଗ୍ରତାରା (ଭୂଷଣ୍ଡପୁର), ବରୁଣେଇ (ଖୋର୍ଦ୍ଧା), କିଚକେଶ୍ୱରୀ ପୀଠ, ଲିଙ୍ଗରାଜ ପୀଠ, ଭଦ୍ରକାଳୀ ପୀଠ, ସମଲେଶ୍ୱରୀ ପୀଠ, ମଙ୍ଗଳା ପୀଠ (କାକଟପୁର) , ଚର୍ଚ୍ଚିକା ପୀଠ (ବାଙ୍କୀ), ବିରଜା ପୀଠ ପ୍ରଭୃତିରେ ଦୁର୍ଗା ଉପାସନା ମଧ୍ୟ ବେଶ ମନୋମୁଗ୍ଧକର ହୋଇଥାଏ । ଯେଉଁ ମହିଷାସୁରମାନେ ଅସାମାଜିକ ଚିନ୍ତା ନେଇ ଏ ସମାଜକୁ କଳୁଷିତ କରିବାକୁ ଉଦ୍ୟମ ଚଳାଇଛନ୍ତି, ମାତୃଶକ୍ତି ସେମାନଙ୍କୁ ଦମନ କରିବା ପାଇଁ ଆମମାନଙ୍କୁ ଶକ୍ତି ପ୍ରଦାନ କରିବାକୁ ଆଜିର ଦିବସରେ ପ୍ରାର୍ଥନା ।

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଦଶହରା : ମାତୃଶକ୍ତି ବନ୍ଦନାର ଅନନ୍ୟ ପରମ୍ପରା



**ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସୃଷ୍ଟି ସ୍ଥିତି ବିନାଶାନାଂ ଶକ୍ତିଭୂତେ ସନାତନୀ
ଗୁଣାଶ୍ରେୟ ଗୁଣମୟେ ନାରାୟଣୀ ନମୋସ୍ତୁତେ

ସୃଷ୍ଟି (ସୃଜନ), ସ୍ଥିତି (ପାଳନ) ଏବଂ ବିନାଶର (ସଂହାର) ଶାଶ୍ୱତ ଶକ୍ତି, ପରମ ଓ ମୌଳିକ ଶକ୍ତିର ଅଧିକାରିଣୀ, ସର୍ବବ୍ୟାପ୍ତ ହେ ସନାତନୀ ଦେବୀ, ସର୍ବଗୁଣସମ୍ପନ୍ନୀ, ସର୍ବଗୁଣମୟୀ ନାରାୟଣୀଙ୍କୁ ଭକ୍ତିପୂତ ପ୍ରଣାମ। ଆଜି ସାରା ଦେଶ ବିଜୟା ଦଶମୀ ହର୍ଷ, ଉଲ୍ଲାସ ଓ ଆନନ୍ଦରେ ପାଳନ କରୁଛି। ଏହା ଏକ ଅପୂର୍ବ ସଂଯୋଗ ଯେ ଚଳିତ ବର୍ଷ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୧୫୬ତମ ଜୟନ୍ତୀ ମଧ୍ୟ ଦଶହରା ଦିନ ପାଳିତ ହେଉଛି। ଖଳ ବ୍ରିଟିଶ ଶାସକ ବିରୁଦ୍ଧରେ ହୋଇଥିବା ସାଧିନତା ଆନ୍ଦୋଳନରେ ନେତୃତ୍ୱ ନେଇ ଦେଶକୁ ସ୍ୱାଧୀନ କରିବାରେ ମହତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ଆଜିର ଦିନରେ ଭାରତମାତାଙ୍କ ଆଉଜଣେ ସୁଯୋଗ୍ୟ ସନ୍ତାନ, ଲାଲ ବାହାଦୁର ଶାସ୍ତ୍ରୀ ଜନ୍ମ ଗ୍ରହଣ କରି 'ଜୟ ଯବାନ, ଜୟ କିଷାନ' ନାରାରେ ସାରା ଦେଶକୁ ଉଦ୍‌ବୁଦ୍ଧ କରିଥିଲେ। ଏହି ଉଭୟ ବରପୁତ୍ରଙ୍କ ଜୟନ୍ତୀ ଉପଲକ୍ଷେ ଆଜି ସାରା ଦେଶ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଗତ ମାସ ୨୨ ତାରିଖ ନବରାତ୍ରର ଶୁଭାରମ୍ଭରୁ ଆରମ୍ଭ ହୋଇଥିବା ଶାରଦୀୟ ଦୁର୍ଗାପୂଜାର ଆଜି ହେଉଛି ଅନ୍ତିମ ଦିବସ। ଦଶହରା ତଥା ବିଜୟା ଦଶମୀ ହେଉଛି ଦୁଷ୍ଟ ସଂହାରର ପ୍ରତୀକ। ଆଜିର ଦିନରେ ମା' ଦୂର୍ଗା ସଂପୂର୍ଣ୍ଣ ଦେବଶକ୍ତିରେ ସୁସଜ୍ଜିତ ହୋଇ ମହିଷାସୁରକୁ ବଧ କରିଥିଲେ ଏବଂ ଆଜିର ଦିନରେ ପ୍ରଭୁ ଶ୍ରୀରାମ ମା' ଦୂର୍ଗାଙ୍କ ଆଶୀର୍ବାଦରେ ଦାନବରାଜ ରବଣର ବଧ କରିଥିଲେ। ଉଭୟ ମହିଷାସୁର ଏବଂ ରାବଣ ହେଉଛନ୍ତି 'ଦୁଷ୍ଟ' ଚରିତ୍ର, ଅତ୍ୟାଚାରର ପ୍ରତୀକ। ତେଣୁ, ସାରା ଭାରତ ବର୍ଷରେ ଦଶହରାକୁ 'ମନ୍ଦ ଉପରେ ଭଲର ବିଜୟ'ର ପ୍ରତୀକ ଭାବେ ପାଳନ କରାଯାଏ। ଆଜି ହୁଏତ ମହିଷାସୁର କିମ୍ବା ରାବଣ ପରି ଅତ୍ୟାଚାରୀ ଦାନବ ସଶରୀରେ ନାହାନ୍ତି, କିନ୍ତୁ ଆଧୁନିକ ସମାଜରେ ମାନବରୂପୀ ଦାନବ ବିଚରଣ କରୁଛନ୍ତି। ଏମିତି କିଛି ଅସମାଜିକ ତତ୍ୱ ସମାଜର ଶାନ୍ତି, ସୌହାର୍ଦ୍ଦ୍ୟ ଏବଂ ଏକତା ନଷ୍ଟ କରିବାକୁ ବିଭିନ୍ନ ଘୃଣ୍ୟ କାର୍ଯ୍ୟ କରିଥାଆନ୍ତି। ସଭ୍ୟ ସମାଜରେ ତାଙ୍କର କୌଣସି ସ୍ଥାନ ନାହିଁ। ଏପରି ଦାନବୀୟ କୃତ୍ୟକୁ ସମାଜରୁ ନିର୍ମୂଳ କରିବା ପାଇଁ ଆଜିର ଦିନରେ ପ୍ରେରଣା ମିଳିଥାଏ। ମାନବ ଭିତରେ ଥିବା ଆସୁରିକ ମାନସିକତାକୁ ନିପାତ କରିବା 'ବିଜୟା ଦଶମୀ'ର ପ୍ରମୁଖ ବାର୍ତ୍ତା। ଅସମାଜିକ ତତ୍ୱ ନିଜ ଭିତରେ ରହିଥିବା ଏଇ ଆସୁରିକ ପ୍ରବୃତିକୁ ନିର୍ମୂଳ କରନ୍ତୁ, ନ ହେଲେ ସେଥିପାଇଁ ସରକାର ସଦା ସର୍ବଦା ଜାଗ୍ରତ ଅଛନ୍ତି ।

ଏ ବର୍ଷର ନବରାତ୍ର ଏବଂ ଦୂର୍ଗା ପୂଜାର ଉତ୍ସବକୁ ଦ୍ୱିଗୁଣିତ କରିଛି। ପ୍ରଥମେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ନବରାତ୍ରିର ପ୍ରଥମ ଦିନରୁ ଲାଗୁ ହୋଇଥିବା ଜିଏସଟି ନେକ୍ସ ଜେନେରେସନ ସଂସ୍କାର। ପୂର୍ବ ଭାରତ ବିଶେଷ ଭାବେ ପଶ୍ଚିମବଙ୍ଗ ଏବଂ ଓଡିଶାରେ ପାର୍ବଣ ଋତୁରେ ସାଧାରଣ ଜନତା ଘରକରଣା ଦ୍ରବ୍ୟ ଠାରୁ ଆରମ୍ଭ କରି ଖାଦ୍ୟ ପଦାର୍ଥ, ପୋଷାକ ଇତ୍ୟାଦି କ୍ରୟ କରିଥାଆନ୍ତି । ନୂତନ ଜିଏସଟି ସଂସ୍କାର ଫଳରେ ଦେଶ ତଥା ରାଜ୍ୟର ପ୍ରତ୍ୟେକ ପରିବାର କିଛି ନା କିଛି ସଞ୍ଚୟ କରିବେ। ଅର୍ଥନୀତିର ଗୋଟିଏ ପ୍ରମୁଖ ନୀତି ହେଉଛି,'ଗୋଟିଏ ଟଙ୍କା ସଞ୍ଚୟ, ଅର୍ଥାତ ଗୋଟିଏ ଟଙ୍କାର ଉପାର୍ଜନ'। ତେଣୁ, ଓଡିଶାର ଜନସାଧାରଣ ଏହି ସଞ୍ଚୟ ଉତ୍ସବରେ ଅଂଶଗ୍ରହଣ କରି ଖୁସିକୁ ଦ୍ୱିଗୁଣିତ କରିଛନ୍ତି । ଦୂର୍ଗାପୂଜାକୁ ଆହୁରି ଅଧିକ ଆନନ୍ଦମୟ କରି ତୋଳିଛି, ଦେବୀଙ୍କ ଆଗମନ ଦିନ ଏସିଆ କପ କ୍ରିକେଟରେ ଭାରତର ପଡୋଶୀ ଦେଶ ଉପରେ ଐତିହାସିକ

ସର୍ବପୁରାତନ ବିଭିନ୍ନ ଝଡଝଞ୍ଜା ସତ୍ତ୍ୱେ ବଞ୍ଚିରହିଥିବା ସଭ୍ୟତା। ଏହାର ଗୁପ୍ତ ରହସ୍ୟ ହେଉଛି,'ବିବିଧତା ଭିତରେ ଏକତା'। ଦେଶର ବିଭିନ୍ନ ଅଞ୍ଚଳରେ ଦଶହରା ଓ ବିଜୟା ଦଶମୀ ଉତ୍ସବ ବିଭିନ୍ନ ପ୍ରକାରେ ପାଳନ କରାଯାଏ। ମହିଶୂରର ପ୍ରସିଦ୍ଧ ଚାମୁଣ୍ଡେଶ୍ୱରୀ ପୂଜାରୁ ଆରମ୍ଭ କରି କୁଲୁ ଦଶହରାରେ ପ୍ରଭୁ ରଘୁନାଥଙ୍କ ପୂଜାସାରା ଦେଶରେ ବିଭିନ୍ନ ପ୍ରକାରେ ଆଜି ଦିନରେ ଜଗତଜନନୀଙ୍କ ଉପାସନା କରାଯାଏ। ଓଡିଶାରେ ପାରମ୍ପରିକ ରୀତିନୀତିରେ ମୁଖ୍ୟତଃ ମହିଷାମର୍ଦ୍ଦିନୀ ଦେବୀ ଦୂର୍ଗା ପୂଜା ପାଇଥାଆନ୍ତି। ଓଡିଶାରେ ଶାରଦୀୟ ଦୁର୍ଗାପୂଜା ଅନନ୍ୟ, ସମସ୍ତ ଓଡିଶାବାସୀଙ୍କୁ ଏହି ପୂଜା ଏକତାର ସୂତ୍ରରେ ବାନ୍ଧି ଥାଏ। ଆଜି ଦିନରେ ଲୋକେ ଶୁଭକାମ ବ୍ୟକ୍ତିଗତ ତଥା ବ୍ୟବସାୟିକ ସ୍ତରରେ ଅନୁକୂଳବି କରିଥାଆନ୍ତି। ଜଗନ୍ନାଥ ସଂସ୍କୃତିରେ ଶକ୍ତିଙ୍କ ସ୍ଥାନ ସ୍ୱତନ୍ତ୍ର । ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଲାଗି ହେଉଥିବା ଭୋଗ ମା' ବିମଳାଙ୍କୁ ଅର୍ପଣ ହେଲା ପରେ ହିଁ 'ମହାପ୍ରସାଦ'ର ଆଖ୍ୟା ଲାଭ କରିଥାଏ। ଦୂର୍ଗା ଦଶମୀ ଦିନ ପ୍ରଭୁ ଶ୍ରୀରାମ ରାବଣକୁ ବଧ କରିଥିଲେ ଏବଂ ସଂସାରକୁ ଆସୁରିକ ଅତ୍ୟାଚାରରୁ ମୁକ୍ତ କରିଥିଲେ। ତେଣୁ, ଦଶହରାକୁ 'ବିଜୟା ଦଶମୀ' ଭାବେ ପାଳନ କରାଯାଏ। ପ୍ରଭୁ ଶ୍ରୀରାମଙ୍କ ଅବତାର ପ୍ରଭୁ ଶ୍ରୀଜଗନ୍ନାଥ ଏହି ଦିନ ସୁନା ବେଶ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦିଅନ୍ତି।

ଦୁଷ୍ଟନାଶିନୀ ଅଭୟଦାୟିନୀ ଜଗତଜନନୀଙ୍କ ବିଜୟୋତ୍ସବ
ୟା ଦେବୀ ସର୍ବ ଭୂତେଷୁ : ବିଜୟା ଦଶମୀର ଅନୁଚିନ୍ତା
ଅକ୍ଷୟ ହେଉ ପୂଣ୍ୟ ଜଗତେ, ଧର୍ମର ହେଉ ଜୟ': ବିଜୟା ଦଶମୀର ବାର୍ତ୍ତା

ବିଜୟ। ଏହି ବିଜୟ କେବଳ ଏକ ଖେଳରେ ବିଜୟ ନୁହେଁ, ଏହା ଏକ କୁତ୍ସିତ ମାନସିକତା, ରାବଣ ଓ ମହିଷାସୁର ପରି ଦାନବ ମଧ୍ୟରେ ଅନ୍ତର୍ନିହିତ ଆସୁରିକ ଶକ୍ତି ଉପରେ ବିଜୟର ପ୍ରତୀକ। ପେହେଲଗାମ ନରସଂହାର ପରେ ଯେଉଁସବୁ ଘଟଣାଚକ୍ର ଅତିବାହିତ ହୋଇ ଯାଇଛି, ଦେଶବାସୀଙ୍କ ଏହି ବିଜୟକୁ ନେଇ ଉଦ୍ଦୀପନାଯୁକ୍ତ ପ୍ରତିକ୍ରିୟା ସ୍ୱାଭାବିକ । ଦେବୀ ପୂଜନ ଭାରତୀୟ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଆମ ଧର୍ମଶାସ୍ତ୍ରରେ ଲେଖା ଅଛି,'ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତାଃ'। ଭାରତବର୍ଷରେ ତ ଦେବା ଦେବୀଙ୍କୁ ପୂଜିତ କରାଯାଇଥାଏ, କିନ୍ତୁ ମାନବରୂପୀ ମାତୃଶକ୍ତିର ବି ବନ୍ଦନା କରାଯାଇଥାଏ। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି, ନବରାତ୍ର ସମୟରେ 'କୁମାରୀ ପୂଜା'। ଯଦିଓ କୁମାରୀପୂଜାର ଅନେକ ବିଧି ଅଛି, ମହାନବମୀରେ ନ' ଜଣ ଅଳ୍ପ ବୟସ୍କ କୁମାରୀ କନ୍ୟାଙ୍କୁ ପୂଜା କରାଯାଇଥାଏ, ଯାହା 'ନବଦୁର୍ଗା'ଙ୍କ ନ' ପ୍ରକାର ସ୍ୱରୂପକୁ ଚିତ୍ରଣ କରିଥାଏ। ମାତୃଶକ୍ତି ବନ୍ଦନାର ଏପରି ପରମ୍ପରା କେବଳ ଭାରତୀୟ ସଂସ୍କୃତିରେ ଦେଖିବାକୁ ମିଳିଥାଏ। ଏପରି ରୀତିନୀତି ଆମକୁ ସବୁବେଳେ ସ୍ମରଣ କରାଇଥାଏ ଯେ ମାତୃବନ୍ଦନା କେବଳ ପରମ୍ପରା ନୁହେଁ, ମାତୃ ଶକ୍ତିକୁ ସମସ୍ତେ ସବୁ ସମୟରେ ସମ୍ମାନ କରିବା ଉଚିତ। ଆଜି ବୋଧହୁଏ ଭାରତୀୟ ସଭ୍ୟତା ପୃଥିବୀର

ଆଜି ଆମେ ଏକ ନୂତନ ସମୟରେ ଉପନୀତ ହୋଇଛୁ । ଆଧ୍ୟାତ୍ମିକ ସୁଖ ପ୍ରାପ୍ତି ଅପେକ୍ଷା ଭୌତିକ ସୁଖ ପଛରେ ସମସ୍ତେ ଧାଉଁଛନ୍ତି। କିନ୍ତୁ, ସୌଭାଗ୍ୟବଶତଃ ଭାରତରେ ଏ ପର୍ଯ୍ୟନ୍ତ ଆଧ୍ୟାତ୍ମିକତା ଭାବ କେବଳ ଜୀବନ୍ତ ଅଛି ତାହା ନୁହେଁ, ଏହା ଅଧିକ ପରିପୁଷ୍ଟ ହେଉଛି। ବିଶେଷ ଖୁସିର କଥା ଯେ ଦେଶର ଯୁବ ସମାଜ ଆଧ୍ୟାତ୍ମିକତା ପ୍ରତି ଅଧିକ ଅନୁରାଗ ଦେଖାଉଛନ୍ତି। କୁମ୍ଭ ମେଳାରେ ରେକର୍ଡ ସଂଖ୍ୟକ ଶ୍ରଦ୍ଧାଳୁ ସ୍ନାନ କରିବା, ଅଯୋଧ୍ୟା ରାମ ମନ୍ଦିର ନିର୍ମାଣରେ ଯୁବ ଗୋଷ୍ଠୀଙ୍କ ଅବଦାନ, ଚଳିତ ପୁରୀ ରଥଯାତ୍ରାରେ ରେକର୍ଡ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଆଗମନ ଏହି ଆଧ୍ୟାତ୍ମିକତାର ଭାବକୁ ସୁଚିତ କରିଥାଏ। ଦେଶର ଜନତାଙ୍କ ମଧ୍ୟରେ ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ପୁନର୍ଜାଗ୍ରତ କରିବା ଦିଗରେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିଶେଷ ଭୂମିକା ରହିଛି। ସେ ଦେଶର ଶାସନ ଭାର ଗ୍ରହଣ କରିବା ପରେ ନାରା ଦେଇଥିଲେ 'ବିକାଶ ଭି, ବୀରାସତ ଭି'। ସେ କାୟମନୋବାକ୍ୟରେ ଏହି ଭାବନାକୁ ବ୍ୟକ୍ତିଗତ ସ୍ତରରେ ପାଳନ କରିଆସୁଛନ୍ତି। ଦେଶର ବିଭିନ୍ନ ମହତ୍ୱପୂର୍ଣ୍ଣ ଧର୍ମୀୟ ସ୍ଥଳ ଯେପରିକି କାଶୀ ବିଶ୍ୱନାଥ କରିଡର, ମହାକାଳ କରିଡର, ଚାର୍ଧାମ ଯାତ୍ରା, ସେଙ୍ଗଲକୁ ଲୋକସଭାରେ ସ୍ଥାପିତ କରିବା ପରି କାର୍ଯ୍ୟକ୍ରମ ଦ୍ୱାରା ଦେଶର ସଂସ୍କୃତିକ ଚେତନାକୁ ଏକ ନୂତନ ଦିଗନ୍ତ ମିଳିଛି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଏବଂ ଦୁରଦୃଷ୍ଟିରେ ପ୍ରେରିତ ହୋଇ ଓଡିଶା ସରକାର ବି ଓଡିଆ ସଂସ୍କୃତି ଓ ପରମ୍ପରାକୁ ଶାସନ–ପ୍ରଶାସନର ଏକ ଅଭିନ୍ନ ଅଙ୍ଗ ଭାବେ ଅବିହିତ କରି କାର୍ଯ୍ୟରତ। ବିଭିନ୍ନ ମଠ ମନ୍ଦିରର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ କରିବା ସହିତ ମହତ୍ୱପୂର୍ଣ୍ଣ ଉତ୍ସବ ଯେପରିକି ବରଗଡ ଧନୁଯାତ୍ରା, ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାକୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ଗଣେଷ ପୂଜା ଠାରୁ ଆରମ୍ଭ ହୋଇଥିବା ପାର୍ବଣ ଋତୁର ସବୁଠାରୁ ବଡ ମହୋତ୍ସବ ହେଉଛି ଶାରଦୀୟ ଦୂର୍ଗା ପୂଜା। ଓଡିଶାର ପୁରପଲ୍ଲୀରେ ଏହି ଉତ୍ସବ ପାଳିତ ହୋଇଥାଏ। ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମସ୍ତେ ମା'ଙ୍କ ଆରାଧନା କରି ଥାଆନ୍ତି । ଉଚ୍ଚ ନିଚ୍ଚର ପ୍ରଭେଦ ନଥାଏ ଏହି ସମୟରେ। ମା' ପାଖରେ ସବୁ ଭକ୍ତ ସମାନ। ଏହି ଉତ୍ସବକୁ ସୁରକ୍ଷିତ, ମନୋରମ ଏବଂ ଆକର୍ଷଣୀୟ କରିବା ପାଇଁ ସରକାର ସବୁ ପ୍ରକାର ସହଯୋଗ ପ୍ରଦାନ କରୁଛନ୍ତି । ଆଜି ଓଡିଶାର ବିକାଶର ନୂତନ ଦିଗନ୍ତକୁ ଛୁଉଁଛି, ବିକାଶ ସହିତ ଓଡିଶାର ଭାଷା, ସାହିତ୍ୟ, ପରମ୍ପରାକୁ ସୁରକ୍ଷା କରିବା ସହିତ ପ୍ରଚାର ଓ ପ୍ରସାର କରିବା ପାଇଁ ସରକାର ଚେଷ୍ଟିତ। 'ବିକାଶ' ଓ 'ସଂସ୍କୃତି' ସହିତ '୨୦୩୬ ସୁଦ୍ଧା ଗଠନ ହେବ 'ସମୃଦ୍ଧ ଓଡିଶା'। 'ବିକଶିତ ଭାରତ' ଓ 'ସମୃଦ୍ଧ ଓଡିଶା' ଗଠନ ଦିଗରେ 'ସ୍ୱଦେଶୀ' ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି । ତେଣୁ, ପ୍ରଧାନମନ୍ତ୍ରୀଙ୍କ ଆହୁତ 'ସ୍ୱଦେଶୀ' ମନ୍ତ୍ରକୁ ଅନୁଯାୟୀ ସମସ୍ତେ ଯେତେଦୂର ସମ୍ଭବ ସ୍ୱଦେଶୀ ବସ୍ତୁ କ୍ରୟ କରି ସ୍ୱଦେଶୀ ଅର୍ଥନୀତିକୁ ପ୍ରୋତ୍ସାହିତ କରନ୍ତୁ।

ଓଡିଶାର ଦୁର୍ଗାପୂଜା ଭାଇଚାରା ଏବଂ ସଦ୍ଭାବର ପ୍ରତୀକ। ଯଦିଓ ଦୁର୍ଗାପୂଜା ମୁଖ୍ୟତଃ ସନାତନ ଓ ହିନ୍ଦୁ ସଂସ୍କୃତି ସହିତ ଜଡିତ, ସବୁ ଧର୍ମର ଲୋକେ ଏହାକୁ ଉତ୍ସାହର ସହିତ ପାଳନ କରିଥାଆନ୍ତି । ଏହାର ପ୍ରକୃଷ୍ଟ ଉଦାହରଣ ଦେଖିବାକୁ ମିଳେ ସର୍ବପୁରାତନ ଦୂର୍ଗାପୂଜା ଅନୁଷ୍ଠିତ ହେଉଥିବା କଟକ ସହରରେ। ସାଇଭାଇ, ଭାଇଚାରା ଓ ସାଂସ୍କୃତିକ ସମନ୍ୱୟର ଅପୂର୍ବ ସମାହାର କଟକର ବାଉନ ବଜାର ତେପନ ଗଳିରେ ଦେଖିବାକୁ ମିଳେ। କେବଳ, କଟକ ନୁହେଁ, ଓଡିଶାର ପ୍ରତ୍ୟେକଟି ସ୍ଥାନରେ ଏହି ଭାବାବେଗରେ ଦଶହରାକୁ ପାଳନ କରାଯାଏ। ଏହି ସଂସ୍କୃତିକୁ ନେଇ ପ୍ରତ୍ୟେକ ଓଡିଶାବାସୀ ଗର୍ବ ଅନୁଭବ କରନ୍ତି।

ଆଜି ଦିନ ହେଉଛି ଉପାସନାର ଦିନ, ମା'ଙ୍କ ଠାରୁ ଆଶୀର୍ବାଦ ଭିକ୍ଷା କରିବାର ଦିନ। ଏହି ପବିତ୍ର ଉତ୍ସବରେ ମୁଁ ସମସ୍ତ ଦେଶବାସୀ, ବିଶେଷ ଭାବେ ଓଡିଶାବାସୀଙ୍କ କଲ୍ୟାଣ ଓ ଉତ୍ତୋରତ୍ତର ଉନ୍ନତି ପାଇଁ ମା' ଜଗତଜନନୀଙ୍କ ପାଖରେ ପ୍ରାର୍ଥନା କରୁଛି ।
ଦେହି ସୌଭାଗ୍ୟମାରୋଗ୍ୟଂ, ଦେହି ମେ ପରମଂ ସୁଖମ୍ ।
ରୂପଂ ଦେହି ଜୟଂ ଦେହି, ୟଶୋ ଦେହି ଦ୍ୱିଷୋ ଜହି
ହେ ଦେବୀ, ସଚରାଚର ସମସ୍ତଙ୍କୁ ସୁଖ ସମୃଦ୍ଧି, ରୂପ, ଗୁଣ, ସ୍ୱାସ୍ଥ୍ୟ, ଯଶ ଓ ସଫଳତା ପ୍ରଦାନ କରନ୍ତୁ ଏବଂ ମନୁଷ୍ୟ ମନରେ ଥିବା କାମ–କ୍ରୋଧ ପରି ଶତ୍ରୁଙ୍କୁ ବିନାଶ କରନ୍ତୁ ।
ଓଁ ଦୁର୍ଗେ ଦୁର୍ଗତି ନାଶିନୀ
* * *

## ଜଗତସିଂହପୁର ଡାଏରି-୮

# ଜନତା, ଜଗନ୍ନାଥ ଓ ଜଗତସିଂହପୁର



**ସଂଗ୍ରାମ ମହାପାତ୍ର**

ଜଗତସିଂହପୁରର ସାଧାରଣ ଜନତାଙ୍କ ଭିତରେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତି ଅଖଣ୍ଡ ଭକ୍ତି ଓ ଶ୍ରଦ୍ଧା ଭରି ରହିଛି । ଏହା ଇତିହାସ ବିଦିତ । କଳାପାହାଡ଼ ଆକ୍ରମଣରେ ଲୁଣ୍ଠିତ ଶ୍ରୀମନ୍ଦିରରୁ ବିଗ୍ରହଙ୍କୁ ବନ୍ଧାଯାଇ ଯେତେବେଳେ ଗଙ୍ଗାନଦୀ କୂଳରେ ଦାହ କରାଯାଉଛି, ସେତେବେଳେ କୁଜଙ୍ଗର ବିଶର ମହାନ୍ତି ନିଜ ମୃଦଙ୍ଗ ଭିତରେ ଲୁଚାଇ ଆଣିଛନ୍ତି ବ୍ରହ୍ମ । ତା'ପରେ ଖୋର୍ଦ୍ଧାର ରାଜା ଭୋଇ ରାମ ଚନ୍ଦ୍ର ଦେବଙ୍କ ଦ୍ୱାରା ହୋଇଛି ନବକଳେବର । ଓଡ଼ିଆ ଜାତି ତା'ର ଆରାଧ୍ୟ ଦେବତାଙ୍କୁ ରତ୍ନବେଦୀରେ ଦେଖି ବିମୋହିତ ହୋଇଛି ।

ତିର୍ତ୍ତୋଲ ମାଟିର ମହାମନୀଷୀ ଆଦିକବି ସାରଳା ଦାସଙ୍କ ଓଡ଼ିଆ ମହାଭାରତରେ ଶ୍ରୀକୃଷ୍ଣଙ୍କୁ ଜଗନ୍ନାଥଙ୍କ ସହ ଏକ ଓ ଅଭିନ୍ନ ବୋଲି ବର୍ଣ୍ଣନା କରାଯାଇଛି । ସାରଳା ଦାସଙ୍କ ରଚିତ ମହାଭାରତରେ କୋଡୋଟି ମୌଳିକ ସ୍ୱକୀୟ ଚିନ୍ତନ ଯଥା–'କୋଳୁଆ', 'ଗଙ୍ଗା କହିଲେ ଥିବି ଗାଙ୍ଗୀ କହିଲେ ଯିବି', 'ଦୁର୍ଯ୍ୟୋଧନର ରକ୍ତ ନଦୀ ସନ୍ତରଣ', 'ନବଗୁଞ୍ଜର ବେଶ' ଓ ସର୍ବୋପରି ଦଧିବାମନ ରୂପ ଆଦିର ବର୍ଣ୍ଣନା ଅନନ୍ୟ । ମହାପ୍ରଭୁ ଶ୍ରୀଜଗନ୍ନାଥ ସଗୁଣ, ନିର୍ଗୁଣ, ସାକାର, ନିରାକାର, ଅବ୍ୟକ୍ତ, ଅନନ୍ତ, ସର୍ବବ୍ୟାପୀ, ନିଳାଦ୍ରୀଶ, ଭକ୍ତର ଭଗବାନ । ଓଡ଼ିଆ ଜାତିର ଆରାଧ୍ୟ ଦେବତା । ଓଡ଼ିଆ ଜାତିର ଭାଷାର ଆଦି କବି ଶୂଦ୍ରମୁନି ସାରଳା ଦାସ ମହାଭାରତ ଗ୍ରନ୍ଥରେ ଶ୍ରୀଜଗନ୍ନାଥଙ୍କୁ ଶ୍ରୀକୃଷ୍ଣ ଭାବରେ ବର୍ଣ୍ଣନା କରିଛନ୍ତି । ଅନେକ ସ୍ଥାନରେ ଶ୍ରୀକୃଷ୍ଣଙ୍କ ସ୍ଥାନରେ ଶ୍ରୀଜଗନ୍ନାଥ ଶବ୍ଦର ବ୍ୟବହାର କରି ଉଭୟଙ୍କ ମଧ୍ୟରେ ଏକତ୍ୱ ପ୍ରତିପାଦନ କରିଛନ୍ତି । ସାରଳା ଦାସ ଆଦି ପର୍ବ ଦ୍ୱିତୀୟ ପୃଷ୍ଠା ୭୩୮ରେ ଲେଖିଛନ୍ତି–

*'ଜଗନ୍ନାଥ ବୋଇଲେ ବ୍ୟାସେ ତୁମ୍ଭେ*
*ଦ୍ରୌପଦ ଦେଶକୁ ଯିବ,'*
*ସେହିପରି 'ଅର୍ଜୁନର ଆତ୍ମା ଯେ ଅଟନ୍ତି*
*ଜଗନ୍ନାଥ,କୋଳେ ଧରି ଦୂତୀ କୃଷ୍ଣ ନାମ*
*ଦିଲେକ ଅଚ୍ୟୁତ ।'(ପୃଷ୍ଠା ୭୪୧)*

ପୃଷ୍ଠା ୫୭୬ରେ ଲେଖିଛନ୍ତି–

*'କହୁଁ କହୁଁ ମୂର୍ଚ୍ଛାଗତ ହୋଇଗଲେ ଧୃତରାଷ୍ଟ୍ର*
*ରହ ରହ କୁରୁପତି ବୋଲି*
*ଧଇଲେ ଜଗନ୍ନାଥ' ।*

କୃଷ୍ଣରୂପୀ ଜଗନ୍ନାଥଙ୍କର ଲୋକପ୍ରିୟତା ଅବଶ୍ୟ ପଞ୍ଚଦଶ ଶତାବ୍ଦୀରେ ସମାଜ ଭିତରେ ପ୍ରସାରିତ ହୋଇସାରିଥିଲା । ଏହାର ଫଳ ସ୍ୱରୂପ ସାରଳା ଦାସ ସ୍ୱରଚିତ ମହାଭାରତର ବିଭିନ୍ନ ସ୍ଥାନରେ କୃଷ୍ଣଙ୍କୁ ଜଗନ୍ନାଥ ବୋଲି ଉଲ୍ଲେଖ କରିଛନ୍ତି । ଉଦ୍‌ଯୋଗ ପର୍ବରେ (ପୃଷ୍ଠା–୨୧୩ରେ) ଯୁଧିଷ୍ଠିର କହୁଛନ୍ତି–

*'ମାନ ଗୋବିନ୍ଦ ଥମ୍ଭୀଭୁତ ଜଗନ୍ନାଥଙ୍କ ବଚନ*
*ଶୁଣି,ତୁହିଯେ କଟାଳୁ ଅଛୁ ହରି ପାଣ୍ଡବନ୍ତ*
*ଆଣି ।'*
************
*ସ୍ୱାମୀ ଯୁଝେଷ୍ଟି ଠାକୁରେ ଆଜ୍ଞା ଦେଲେ*
*ମୋତେ, ଉଠ ସ୍ୱାମୀ ଶୀଘ୍ରେ ବିଜେ*
*କରିଯିବା ଜଗନ୍ନାଥେ ।'*

ମଧ୍ୟପର୍ବ ପୃଷ୍ଠା ୧୩୦ରେ କବି ଲେଖିଛନ୍ତି–

*'ଜୟ ଜୟ ରୁକ୍ମିଣୀ ବଲ୍ଲଭ ଜୟ ଜଗନ୍ନାଥ*
*ଜୟ ଜୟ ସତ୍ୟଭାମା ହୃଦୟ ବଲ୍ଲଭ ।'*

ବିଶେଷ ଭାବରେ ଗଦାପର୍ବରେ ଲିଖିତ ଯେ ଯେତେବେଳେ ଭୀମକ୍ରୋଧିତ ହୋଇଛନ୍ତି କୁନ୍ତୀଙ୍କ ଉପରେ, ସେତେବେଳେ ଶ୍ରୀକୃଷ୍ଣଙ୍କୁ କୋଳ କରି ଭୀମକୁ ସେହିପରି କାର୍ଯ୍ୟରୁ ନିବୃତ୍ତ କରିଛନ୍ତି ।

*'କର ଉଞ୍ଚାଇଣ ମାରିତେ ଲୋଡଇ ଭୀମ*
*କୋଳକରି ଧଇଲେ ତାଙ୍କୁ ଶ୍ରୀ*
*ପୁରୁଷୋତ୍ତମ ।'*

ସେହିପରି କର୍ଣ୍ଣ ପର୍ବ ପୃଷ୍ଠା ୧୩୨ରେ ବର୍ଣ୍ଣିତ

*'ସଦା ଲୟେ ଚିନ୍ତିଲି ମୁଁ ଜନ୍ମେ ଜନ୍ମେ*
*ଭାବଗ୍ରାହୀ ନାଥ,କଇଁ ଭାବିଲି ଶ୍ରୀ*
*ପୁରୁଷୋତ୍ତମେ । ଶ୍ୱେତ ପୀତ କୁଙ୍କୁମ ତିନି*
*ଯେ ପ୍ରତିମା, ବିଜୟେ ନୀଳକନ୍ଦରେ ଶ୍ରୀ*
*ପୁରୁଷୋତ୍ତମା ।'*

ଆମେ ମଧ୍ୟ ବିଶ୍ୱାସ କରୁ ଯେ କୃଷ୍ଣ ଓ ଜଗନ୍ନାଥ ଏକ ଏବଂ ଅଭିନ୍ନ ।

ଜଗନ୍ନାଥଙ୍କ ପାଇଁ ସାରଳା ଦାସଙ୍କ ଅନ୍ୟ ଏକ ପରିକଳ୍ପନା 'ଦଧିବାମନ' । ଏହି ଦଧିବାମନ ପୂଜା ଓଡ଼ିଶା ବ୍ୟତୀତ ଅନ୍ୟ କେଉଁ ସ୍ଥଳରେ ଦୃଷ୍ଟିଗୋଚର ହୁଏ ନାହିଁ । ବାମନ ଅବତାରରେ ବିଷ୍ଣୁ ଦଧି ବହନ କରିଥିବାରୁ ସେ ଦଧିବାମନ ବୋଲି ଅବିହିତ । ଓଡ଼ଶାର ଦଧିବାମନ କେବଳ ଜଗନ୍ନାଥଙ୍କ ପାଇଁ ବ୍ୟବହୃତ ହୋଇଥାଏ । ଆମେ ମଧ୍ୟ କହିଥାଉଁ । 'ରଥେ ତ୍ୱଂ ବାମନଂ ଦୃଷ୍ଟ୍ୱା ପୁର୍ନଜନ୍ମଂ ନ ବିଦ୍ୟତେ ।'

ଭୀଷ୍ମ ପର୍ବରେ ପୃଷ୍ଠା ୨୨୦ରେ ସାରଳା ଦାସ ଲେଖିଛନ୍ତି–

*'ଦଧି ବାମନ ସୁମରି ଯା ଅନୁକୂଳେ,*
*ରଥରେ ବିଜେ କର ବାବୁ ସୁଦେଷ୍ଣାର ବଳେ।'*

ମହାରାଜା କପିଳେନ୍ଦ୍ର ଦେବଙ୍କ ସମୟରେ ପୃଷ୍ଠପୋଷକତା ପାଇଥିବା ଓଡ଼ିଆ ଭାଷାର ଆଦ୍ୟ ଭାଷ୍ୟକାର ଥିଲେ ସାରଳା ଦାସ । ଏଣୁ ଓଡ଼ିଆ ଜାତିର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କୁ ସ୍ୱକୀୟ ମହାଭାରତରେ ଅବତାରୀ ପୁରୁଷ ଭାବରେ ବର୍ଣ୍ଣନା କରିବାକୁ ସେ ଆଦୌ ହେଳା କରିନାହାନ୍ତି ।

୨୦୧୫ ମସିହାରେ ନବକଳେବର ସମୟରେ ରଘୁନାଥପୁର, ଝଙ୍କଡ, ଅଡଙ୍ଗଗଡଠାରେ ଦାରୁ ଚିହ୍ନଟ ହୋଇ ଆଜି ଶ୍ରୀମନ୍ଦିରରେ ଦାରୁବ୍ରହ୍ମ ଭାବରେ ପୂଜିତ । ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ପୁରାତନ ଜଗନ୍ନାଥ ମନ୍ଦିର ଶୋଭା ପାଇ ଜିଲ୍ଲାର ମହିମା ମଣ୍ଡନ କରୁଛି ।

ସିଢଳଠାରେ ଯେଉଁ ରଥଯାତ୍ରା ଅନୁଷ୍ଠିତ ହୁଏ, ସେଥିରେ ଜିଲ୍ଲାପାଳ ଠାକୁର ରାଜାଙ୍କର ଭୂମିକା ନିର୍ବାହ କରି ଛେରାପହଁରା କରନ୍ତି । ଏଣୁ ଜଗତସିଂହପୁର ଜିଲ୍ଲା ଜନତାଙ୍କ ମଧ୍ୟରେ ଜଗନ୍ନାଥ ଚେତନା ନିଆରା ।

**( ଲେଖକ ଜଣେ କଥାଶିଳ୍ପୀ ଓ ଏବେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଭାବେ ବ୍ରହ୍ମପୁରରେ ଅବସ୍ଥାପିତ)**

# ପାର୍ବଣରେ ଭୁବନର ବଳଦଯାତ୍ରା

**ପ୍ରେମାନନ୍ଦ ପାଣିଗ୍ରାହୀ**

ଏସିଆର ସବୁଠାରୁ ବଡ ଗାଁ କୁହାଯାଉଥିବା ଢେଙ୍କାନାଳ ଜିଲ୍ଲାର ଭୁବନରେ ପବିତ୍ର ଦଶହରା ଅବସରରେ ଅନୁଷ୍ଠିତ ହୁଏ ବଳଦଯାତ୍ରା । ଭୁବନରେ ପୂର୍ବରୁ ବାସ କରୁଥିବା ପାଟକ ଥିଲେ ବାଣିଜ୍ୟ ବ୍ୟବସାୟରେ ସିଦ୍ଧହସ୍ତ । ପ୍ରାଚୀନ କଳିଙ୍ଗ ବୈଶ୍ୟମାନଙ୍କ ଜଳପଥ ଭଳି ଭୁବନର ବଣିକମାନେ ସ୍ଥଳପଥରେ ବଳଦକୁ ପରିବହନର ମାଧ୍ୟମ କରି ଭୁବନକୁ ଧନଶାଳୀ କରିଥିଲେ । ସେମାନଙ୍କ ବ୍ୟବସାୟର ପେଣ୍ଠସ୍ଥଳୀ ଥିଲା ପଶ୍ଚିମ ଓଡ଼ିଶାର ସମ୍ବଲପୁର,ସୁନ୍ଦରଗଡ,ଦେବଗଡ ଆଦି ଜିଲ୍ଲା । ବାଣିଜ୍ୟ କରୁଥିବା ଥୋଡିଆ ଜାତି ମୁଖ୍ୟଙ୍କୁ ଥୋଡି ମହାଜନ, ବାଣିଜ୍ୟରେ ବ୍ୟବହାର କରାଯାଉଥିବା ବଳଦକୁ ଥୋଡି ବଳଦ ଓ ଥୋଡି ମହାଜନଙ୍କ ସାଥିରେ ଯାଉଥିବା ବଣିକମାନଙ୍କୁ ବଳଦିଆ କୁହାଯାଉଥିଲା । ଭୁବନର ଥୋଡି ମହାଜନ ଦଶହରା ପରି ପବିତ୍ର ଦିନରେ ବାଣିଜ୍ୟ ଯାତ୍ରାର ଅନୁକୂଳ କରୁଥିଲେ । ଯେଉଁ ବଳଦକୁ ଥୋଡି ମହାଜନ ସାଙ୍ଗରେ ନେଉଥିଲେ ତାକୁ ଶୌଚ କରାଯାଇ ବନ୍ଧାଣ ଖୁଣ୍ଟରେ ବନ୍ଧା ଯାଉଥିଲା । ଥୋରିଆ ପରିବାରର ମହିଳାମାନେ ଦଶ ଜାତିର ଫୁଲ, ପିଠା, ନୈବେଦ୍ୟ ଦେଇ ବଳଦକୁ ବନ୍ଦାପନା କରିବାପରେ ଥୋଡି ମହାଜନ ବଳଦ ପିଠିରେ ପହ୍ଲାଣ ବାନ୍ଧି ବାଲେଶ୍ୱରର ଇଞ୍ଚୁଡି, ଚାନ୍ଦବାଲି, ବାସୁଦେବପୁର, ଗଞ୍ଜାମର ଗୋପାଳପୁର ଅଞ୍ଚଳକୁ ଯାତ୍ରା ଆରମ୍ଭ କରୁଥିଲେ । ସେଠାରୁ ଶଗଡ ଶଗଡ ଲୁଣ ଆଣି ଗଡଜାତ ଅଞ୍ଚଳ ତଥା ରାଜ୍ୟ ବାହାରକୁ ମଧ୍ୟ ଯାଉଥିଲେ ।


ସେଠାରେ କିଛିଦିନ ରହି ବଳଦ ପିଠିରେ ଲୁଣ ବସ୍ତା ଲଦି ଗାଁ ଗାଁରେ ଲୁଣ ବିକ୍ରି କରୁଥିଲେ । କଉଡି ଓ ମୁଦ୍ରାର ପ୍ରଚଳନ ନଥିବାରୁ ଲୁଣ ସହିତ ସୁନା, ରୂପା, ଅଳଙ୍କାର, ପିତ୍ତଳ ସାମଗ୍ରୀ ପ୍ରତିବଦଳରେ ସେ ଅଞ୍ଚଳରୁ ମିଳୁଥିବା ଲାଖ, ଝୁଣା, ମହୁ, ହାତୀ ଦାନ୍ତ, ଶିଙ୍ଗ, ମହମ ଆଦି ଆଣୁଥିଲେ । ଏହି ବାଣିଜ୍ୟ ପରମ୍ପରାରେ ତତ୍କାଳୀନ ଧନଶାଳୀ ବଣିକମାନଙ୍କର ପୃଷ୍ଠପୋଷକତା କ୍ରମେ କେନ୍ଦ୍ରୀଭୂତ ହୋଇଥିଲା । ସମୟକ୍ରମେ ପ୍ରତିକୂଳ ପ୍ରାକୃତିକ ପରିସ୍ଥିତି,ଯାନବାହନର ଚଳପ୍ରଚଳ, ସ୍ଥଳବାଣିଜ୍ୟ ପ୍ରତି ଅନାଗ୍ରହ ଫଳରେ ବଳଦ ସାହାଯ୍ୟରେ ବାଣିଜ୍ୟ ପରମ୍ପରାର ଅବସାନ ଘଟିଲା । ଭୁବନର ଗର୍ବ ଓ ଗୌରବର ସ୍ମାରକୀ ସାଧବ ଥୋଡିଆ ଓ ବଳଦିଆ ଭାଇ, ଦିନେ ସେମାନଙ୍କୁ ସୁଦକ୍ଷ ଓ ଶକ୍ତିଶାଳୀ କରିଥିଲା । ଭୁବନରେ, ଏହି ପରମ୍ପରାକୁ ସ୍ମରଣ କରି ପ୍ରତିବର୍ଷ ଦଶହରାରେ ପାଳନ କରାଯାଇଥାଏ ବଳଦ ଯାତ୍ରା । ଭୁବନର ଧାର୍ମିକ ଚେତନା,ସଂସ୍କୃତି,ପରମ୍ପରା ବାରି ହୋଇପଡେ ଏହି ଯାତ୍ରାରୁ । ଏଥିପାଇଁ ପୂର୍ବରୁ ସୁନିଆଁ ପରି ପବିତ୍ର ଦିନରୁ ବଳଦ ମନୋନୟନ, ଅଭ୍ୟାସ, ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହେଉଥିଲା । ଏବେ ଯାତ୍ରାରେ ବର୍ଣ୍ଣିଳ ଆଲୋକ ଓ ଉଚ୍ଚ ଶକ୍ତିସମ୍ପନ୍ନ ଶବ୍ଦର ବ୍ୟବହାର ହେଉଥିବାରୁ ବଳଦକୁ ଅଧିକ ଦିନ ଅଭ୍ୟାସର ଆବଶ୍ୟକତା ଥିବାରୁ ବଳଭଦ୍ରଙ୍କ ଜନ୍ମଦିନ ଗହ୍ମାପୂର୍ଣ୍ଣିମା ଦିନ ଠାରୁ ଏ କାର୍ଯ୍ୟ ଆରମ୍ଭ କରାଯାଉଛି । ସେଦିନ ବନ୍ଦାଣ ଖୁଣ୍ଟି ସଂସ୍ଥାପନ କରି ବଳଦ ଯାତ୍ରାର ଶୁଭାରମ୍ଭ କରାଯାଏ । ଶାଳ କାଠରେ ନିର୍ମିତ ବନ୍ଦାଣ ଖୁଣ୍ଟିକୁ ବଳଦ ଯାତ୍ରାର ମୁଖ୍ୟ ଅଂଶ କୁହାଯାଏ । ବନ୍ଦାଣ ଖୁଣ୍ଟି ମା' ମଙ୍ଗଳାଙ୍କର ପ୍ରତୀକ । ଏହି ଖୁଣ୍ଟିରେ ଦଶହରା ବଳଦକୁ ବାନ୍ଧି ବନ୍ଦାପନା କରାଯିବା ପରେ ଯାତ୍ରା ଆରମ୍ଭ ହେଉଥିବାରୁ ଏହାର ନାମ ବନ୍ଦାଣ ଖୁଣ୍ଟି । ଭୁବନର ଥୋଡିଆ ସାହିରେ ବନ୍ଦାଣ ଖୁଣ୍ଟି ବର୍ଷସାରା ରହିଥାଏ । ଗୁଆ, କଉଡି, ପଇସା, ନାଲି ରଙ୍ଗର ଚୁଡିକୁ ନାଲି ଛିଟ କପଡାରେ ଖୁଣ୍ଟିର ଅଗ୍ର ଭାଗରେ ବନ୍ଧାଯାଇ ଖୁଣ୍ଟିର ସର୍ବାଙ୍ଗ ସିନ୍ଦୂର ଲେପନ କରାଯାଇଥାଏ । ଦଶହରା ବଳଦକୁ ଅଭ୍ୟାସ କରାଇବାକୁ ନେବାବେଳେ ସବୁଦିନ ଶୁଭଖୁଣ୍ଟକୁ ଛୁଆଁଇ ନିଆଯାଏ । ଅଭ୍ୟାସ ସମୟରେ ବଳଦ ଆଗରେ ଢୋଲ ବଜାଇ ବଳଦିଆମାନେ ଭୁବନ ଗାଁ ପରିକ୍ରମା କରି କାଳୀ ବଜାରସ୍ଥ ବାଟ ମଙ୍ଗଳାକୁ ଯାଆନ୍ତି । ମା'ଙ୍କୁ ଦର୍ଶନ କରି ନିଜ ସାହିକୁ ପ୍ରତ୍ୟାବର୍ତ୍ତନ କରନ୍ତି । ପ୍ରତିଦିନ ସନ୍ଧ୍ୟାରେ ମହିଳାମାନେ ଧୂପ,ଦୀପଦେଇ ବନ୍ଦାଣ ଖୁଣ୍ଟିକୁ ବନ୍ଦାପନା କରନ୍ତି । ଯେ କେହି ବି ବାହାରକୁ ଗଲେ ପ୍ରଥମେ ବନ୍ଦାଣ ଖୁଣ୍ଟିକୁ ପ୍ରଣାମ କରନ୍ତି । ନବ ବିବାହିତ ଦମ୍ପତ୍ତି ମଧ୍ୟ ବନ୍ଦାଣ ଖୁଣ୍ଟିକୁ ପ୍ରଣାମ କରିବା ପରେ ଗୃହ ପ୍ରବେଶ କରନ୍ତି ।

ବଳଦଯାତ୍ରାରେ ଅଂଶଗ୍ରହଣ କରୁଥିବା ବଳଦ ଯାହାକୁ ଦଶହରା ବଳଦ ବା ଥୋଡିବଳଦ କୁହାଯାଏ । ତାକୁ ପୁଷ୍କରିଣୀରେ ଗାଧୋଇ ଦେଇ ଏକ ନିଭୃତ ସ୍ଥାନରେ ବନ୍ଧାଯାଏ,ଯେପରକି ବାହାର ଲୋକ କେହି ତାକୁ ଦର୍ଶନ କି ସ୍ପର୍ଶ କରିପାରିବେ ନାହିଁ । ପରିବାରର ମୁଖ୍ୟ ଗୋଠଣିରେ ଶାଳକାଠରେ ନିର୍ମିତ ଦୁଇଟି ଲେଖାଏଁ ଖୁଣ୍ଟି ସ୍ଥାପନା କରନ୍ତି । ଥୋଡି ମହାଜନ ପ୍ରଥମେ ଦୁଇଭାଇ ଥିଲେ । ସେମାନଙ୍କ ଅନ୍ତେ ଥୋଡିଆ ସମାଜ ଦୁଇଟି ବଂଶରେ ବିଭାଜିତ ହୋଇଛି । ବଡ ଖୁଣ୍ଟଟି ବଡ ଅଂଶ ଓ ସାନ ଖୁଣ୍ଟଟି ସାନ ଅଂଶର ମାନ୍ୟତା ଦିଆଯାଏ । ଥୋଡିଆ ସମାଜ ଯେତୋଟି ପରିବାରରେ ବିଭାଜିତ ହୋଇଛି ସେତେ ଯୋଡା ଖୁଣ୍ଟି ସ୍ଥାପନା କରାଯାଏ । ପରିବାରର ମୁଖ୍ୟ ଶାଳ ଖୁଣ୍ଟିରେ ଭୋଗରାଗ ଅର୍ପଣ କରନ୍ତି । ଖୁଣ୍ଟି ଚାରିପାଖକୁ ନୂତନ ବସ୍ତ୍ରରେ ଆବୃତ କରାଯାଏ । ଥୋଡିଆ ସାହିର ଉତ୍ତର ଦିଗରେ ପୂଜା ପାଉଥିବା ମା' ବଣିଜାରୀଙ୍କର ବିଶେଷ ପୂଜା କରାଯାଏ । ଥୋଡି ମହାଜନ ଲୁଣ ବ୍ୟବସାୟ କରୁଥିବା ସମୟରେ ସୁଦୂର ବଣାଇ ଗଡରୁ ଏକ ପ୍ରସ୍ତର ଖଣ୍ଡ ଆଣି ମା' ବଣିଜାରୀ ରୂପେ ପୂଜା କରୁଥିଲେ । ଏବେ ମା'ଙ୍କର ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଛି । ମା' ବଣିଜାରୀଙ୍କ ପୀଠରେ ପୂଜା ହୋଇଥିବା ନୂଆବସ୍ତ୍ର ପରିବାର ଲୋକେ ପିନ୍ଧିବା ପରେ ଆରମ୍ଭ ହୁଏ ବଳଦଯାତ୍ରା । ପ୍ରଥମେ ଦଶହରା ବଳଦକୁ ଶୁଭଖୁଣ୍ଟରେ ବନ୍ଧାଯାଏ । ତା ପିଠିରେ ପହ୍ଲାଣ,ଶିଙ୍ଗରେ ଶିଙ୍ଗୁଆତ,ମୁହଁରେ ମୁହଁଖାର,ଲାଞ୍ଜରେ ଲାଞ୍ଜୁମୁଠି, ବେକରେ ଘୁଙ୍ଗୁରମାଳ,ଦେହସାରା କଉଡି ଓ ସାରମାଳରେ ସଜ୍ଜିତ କରାଯାଇ ଶେଷରେ ମହାଜନ ଘରୁ ଶୁଭଘଣ୍ଟ ଅଣାଯାଇ ବଳଦ ଗଳାରେ ବନ୍ଧାଯାଏ । ଅନ୍ୟ ଦିନମାନଙ୍କରେ ଏହି ଘଣ୍ଟ ରଘୁନାଥଜୀଉଙ୍କ ନିକଟରେ ପୂଜା ପାଇଥାଏ । ଏହି ଘଣ୍ଟ ମା' ବଣିଜାରୀଙ୍କ ଚଳନ୍ତି ପ୍ରତିମା । ମହିଳାମାନେ ଦଶହରା ବଳଦକୁ ବନ୍ଦାପନା ଓ ପ୍ରଣାମ କରି ପିତ୍ତଳ ଡାଳରେ ଆଣିଥିବା ଜୀବନ୍ତ ଗଡିଶ ମାଛକୁ ବଳଦର ଆଗ ଗୋଡ ପାଖରେ ଛାଡନ୍ତି । ବାଜା ରୋଷଣିରେ ଥୋଡି ବଳଦକୁ ପ୍ରଥମେ ରଘୁନାଥଜିଉ ମନ୍ଦିର ଓ ପରେ ପରେ ବିଭିନ୍ନ ମନ୍ଦିର ସହ ଅଞ୍ଚଳ ପରିକ୍ରମା କରାଯାଇଥାଏ । ଥୋଡିଆ ସମାଜ ପକ୍ଷରୁ ସାମୂହିକ ଭାବେ ପଂକ୍ତି ଭୋଜନ କରାଯାଏ । ଦଶହରା ଦିନ ଭାତ ସହ ମାଛ ଖାଇବା ପରମ୍ପରା କ୍ରମେ ରହିଆସିଛି ।

**ଭୁବନ,ଢେଙ୍କାନାଳ,**
**ମୋ–୯୪୩୭୭୨୯୩୮୪**

# ପୃଥକ ପୃଥକ ଦୁର୍ଘଟଣାରେ ୬ ମୃତ

ଭୁବନେଶ୍ୱର, (ସବ୍ୟୁ): ଶାରଦୀୟ ଦୁର୍ଗାପୂଜା ପାଇଁ ସମଗ୍ର ରାଜ୍ୟ ଚଳଚଞ୍ଚଳ ହୋଇପଡ଼ି ବେଳେ ୨ଟିସ୍ଥାନରେ ଅଘଟଣ ଘଟି ୬ ଜଣଙ୍କର ଜୀବନଯାଇଛି । ନୟାଗଡ଼ ଜିଲ୍ଲା ଓଡ଼ଗାଁ ନିକଟରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ଘଟି ୩ଜଣଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଗଞ୍ଜାମ ଜିଲ୍ଲା କେ. ନୂଆଗାଁ ନିକଟସ୍ଥ ମା ରନେଶ୍ୱରୀଙ୍କ ନବରାତ୍ରି ପୂଜା ଦେଖିବାକୁ ଆସି ବାହୁଦା ନଦୀ ପାର ହୋଇ ନିଜ ଗାଁ କଳିଙ୍ଗଦଳା ଫେରୁଥିବା ବେଳେ ନଦୀରେ ଭାସି ଯାଇ ମା, ଝିଅ ଓ ନାତିଙ୍କ ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣାର ଶିକାର ହୋଇଥିବା ନାତୁଣୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ବ୍ରହ୍ମପୁର ବଡ଼ମେଡିକାଲକୁ ଚିକିତ୍ସା ନିମନ୍ତେ ପଠାଯାଇଛି । ଓଡ଼ଗାଁ ଠାରେ ଘଟିଥିବା ଦୁର୍ଘଟଣା ଏତେ ଭୟଙ୍କର ଥିଲା ଦୁଇ ବାଇକ ୧୦ ଫୁଟ ଉପରକୁ ଉଠି ତଳେ ପଡ଼ିଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି । ମୃତକଙ୍କୁ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲେ ମଧ ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ ।ସୂଚନା ମୁତାବକ, ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ବାଣପୁର ପଞ୍ଚାୟତ ଚେମେଡି ଗ୍ରାମର ମୋହନ ବାରିକ ବୁଲେଟ (ନଂ. ଓଡି୨୫କ୍ୟୁ-୯୨୮୫)ରେ ଗାଁରୁ ବାହାରି କୋମଣ୍ଡ-ବାଘୁଆ ଛକ ହୋଇ ଆସୁଥିଲେ ।ସେତିକିବେଳେ କେନ୍ଦ୍ରାପଡ଼ାର ସନ୍ତୋଷ କୁମାର ରାଉତରାୟ(୩୫) ଏବଂ ସମ୍ପର୍କୀୟ ଭାଇ ଗଞ୍ଜାମ ଜିଲା କରସିଂ ଗ୍ରାମର ସିଲୁ ନାୟକ(୨୪) ବାଇକ(ନଂ. ଓଡି୨୯ଡି-୨୪୪୮)ରେ ଗାଁକୁ ଯାଉଥିଲେ । ହେଲେ ଗୋଡିପଲି ପେଟ୍ରୋଲ ପମ୍ପ ନିକଟରେ ବୁଲେଟ-ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା ।ଦେଖଣାହାରୀଙ୍କ କହିବା ଅନୁସାରେ, ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଉଭୟ ଗାଡି ସହିତ ୩ଜଣ ବାଇକ ଆରୋହୀ ପ୍ରାୟ ୧୦ଫୁଟ ଉପରକୁ ଉଠି ରାସ୍ତା ଉପରେ କଚାଡି ହୋଇ ପଡ଼ିଥିଲେ । ଫଳରେ ସେମାନେ ଗୁରୁତର ହୋଇଥିଲେ । ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ୩ଜଣଙ୍କୁ ମୃତ ଘୋଷଣା କରିଥିଲେ । ପୋଲିସ ୨ଟି ଗାଡି ସହ ୩ଟି ମୋବାଇଲ ଫୋନ ସହିତ ମୃତଦେହ ଜବତ କରି ମାମଲାର ତଦନ୍ତ ଆରମ୍ଭ କରିଛି । ମୃତ ମୋହନ ମିସ୍ତ୍ରୀ ଭାବେ କାମ କରୁଥିବା ବେଳେ ସେ ନୂଆଁ ବୁଲେଟ କିଣିଥିଲେ । ୨ ବାଇକ ଆରୋହୀ ସମ୍ପର୍କୀୟ ଭାଇ ହୋଇଥିବା ବେଳେ ସନ୍ତୋଷ ନିଜ ମାମୁଁ ପୁଅ ଭାଇ ସିଲୁଙ୍କ ସହିତ ସଉଦା କରିବାକୁ ଓ ଆସି କରସିଂ ଫେରୁଥିବା ଜଣାପଡ଼ୁଛି। ସେହିପରି ମହାଅଷ୍ଟମୀ ପୂଜା ଦେଖିବା ପାଇଁ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଗଡ଼ଗୋବିନ୍ଦପୁର ପଞ୍ଚାୟତର କଳିଙ୍ଗଦଳା ଗାଁରୁ ମା ଉଷା ବେହେରା (୫୦), ଝିଅ ଅନୁସୟା ବେହେରା(୩୫), ସାତ ବର୍ଷର ନାତୁଣୀ ଏବଂ ପାଞ୍ଚ ବର୍ଷର ନାତିକୁ ଧରି ମହାଅଷ୍ଟମୀ ପୂଜା ଦେଖିବା ପାଇଁ ଆସିଥିଲେ । ମା'ଙ୍କ ଦର୍ଶନ ସାରି ଗାଁ କଳିଙ୍ଗଦଳାକୁ ଫେରିବା ପାଇଁ ବାହୁଦା ନଦୀ ପାର ହେଉଥିଲା ବେଳେ ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟା ସମୟରେ ସମସ୍ତ ୪ ଜଣ ବାହୁଦା ନଦୀ ସ୍ରୋତରେ ଭାସି ନିଖୋଜ ହୋଇ ଯାଇଥିଲେ ।ଖବର ପାଇ ନଦୀତଟରେ ରହିଥିବା କଳିଙ୍ଗଦଳା ଗ୍ରାମବାସୀ ବାହୁଦା ନଦୀରୁ ସେମାନଙ୍କୁ ଉଦ୍ଧାର କରି ବାଇକ ଏବଂ ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିଟି ମେଡିକାଲକୁ ଚିକିତ୍ସା ପାଇଁ ପଠାଇଥିଲେ । ଚିକିଟି ମେଡିକାଲରେ ମା', ଝିଅ, ନାତିଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ଘୋଷଣା କରିଥିଲେ । ନାତୁଣୀଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ମେଡିକାଲକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଛି । ଧାନଘର ଫାଣ୍ଡି ପୁଲିସ ଶବକୁ ଜବତ କରି ପୋଷ୍ଟମାର୍ଟମ ପାଇଁ ବ୍ରହ୍ମପୁର ପଠାଇଛି । ମୃତ୍ୟୁ ଖବର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି ।

















## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପୋଲିସ...

ହାଇଦ୍ରାବାଦ ନିଆଯାଇଥିଲା । ପୋଲିସ ଖବର ପାଇ ଶ୍ରୀକାକୁଲମରୁ ଏମାନଙ୍କୁ ଆଣି ବ୍ରହ୍ମପୁରରେ ପଚରାଉଚରା କରୁଛି । ପରୀକ୍ଷା ଦାୟିତ୍ୱରେ ଥିବା ସଂସ୍ଥା ଏଭଳି କରିଥିବା ନେଇ ସୂଚନା ମିଳିଛି । ବୋର୍ଡ ପକ୍ଷରୁ ମଧ ହେଲ୍ପ ଲାଇନ୍ ନମ୍ବର ଜାରି କରାଯାଇଥିଲା । ସିପିଏସ୍‌ଇ ୨୦୨୪ ସବୁ ପରୀକ୍ଷା ସ୍ୱଚ୍ଛତା ପାଇଁ ଏହି ନମ୍ବର ଜାରି ହୋଇଥିଲା । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପରୀକ୍ଷା ବାତିଲ ହୋଇଥିବା ଜାଣି ଦୁଃଖ ଲାଗୁଛି ବୋଲି କହିଛନ୍ତି । ସୋସିଆଲ ମିଡିଆରେ ସେ କହିଛନ୍ତି ଯେ ଏହା ପୂର୍ବରୁ ମଧ ଅତିତରେ ଅନେକ ପରୀକ୍ଷା ବାତିଲ ହୋଇଛି । ଗତ ଜୁଲାଇ ମାସରୁ ୪ ଥର ପରୀକ୍ଷା ବାତିଲ ହେଲାଣି । ଜୁଲାଇ ୨୦ ତାରିଖରେ ହେବାକୁ ଥିବା ସ୍ୱତନ୍ତ୍ର ଟିଚର ଇଲିଜିବିଲିଟି ପରୀକ୍ଷା ବାତିଲ ହୋଇଥିଲା । ଓଏସ୍‌ଏସ୍‌ଏସ୍‌ସି ଦ୍ୱାରା ପରିଚାଳିତ ଆର୍‌ଆଇ, ଏଆର୍‌ଆଇ, ଅମିନ, ଆଇସିଡିଏ ସୁପରଭାଇଜର, ଏସ୍‌ଏଫ୍‌ଏସ୍ ପରୀକ୍ଷା ଯାହା ଅଗଷ୍ଟ ୧ରୁ ସେପ୍ଟେମ୍ବର ୪ ମଧ୍ୟରେ ହେବାକୁ ଥିଲା ତାହାକୁ ବାତିଲ କରାଯାଇଥିଲା । ସ୍ପେଶାଲ ଓଟିଟି ୨୦୨୫କୁ ପୁଣି ସ୍ଥଗିତ ରଖାଯାଇଥିଲା । ଚାକିରି ଆଶାୟୀଙ୍କ ମନୋବଳ ଭାଙ୍ଗୁଛି ଓ ସେମାନେ ବିଶ୍ୱାସ ହରାଉଛନ୍ତି । ସରକାର ଏ ବାବଦରେ ପଦକ୍ଷେପ ନେବାସହ ଲୋକଙ୍କ ବିଶ୍ୱାସ ଉପରେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସେ ଉଲ୍ଲେଖ କରିଛନ୍ତି ।

### ବିହାର...

ଅନୁଯାୟୀ ଭୋଟର ସେମାନଙ୍କ ଏପିକ୍ ନମ୍ବର ପ୍ରେବେଶ କରି ଭୋଟର ତାଲିକାରେ ସେମାନଙ୍କ ନାମ ଯାଞ୍ଚ କରିପାରିବେ । ଫର୍ମ ୬ ପୂରଣ କରିଥିବା ଏବଂ ପରିଚୟ ପ୍ରମାଣ ପ୍ରଦାନ କରିଥିବା ଲୋକଙ୍କ ନାମ ମଧ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି । ଜୁନ୍ ୨୪ରେ ୭.୮୯ କୋଟି ମତଦାତା ଥିଲେ । ୬୫ ଲକ୍ଷ ଲୋକଙ୍କ ନାମ ବାଦ୍ ଦିଆଯାଇ ଅଗଷ୍ଟ ପହିଲାରେ ୭.୨୪ କୋଟି ଲୋକଙ୍କର ଭୋଟର ତାଲିକା ପ୍ରକାଶ ପାଇଥିଲା । ତେବେ ଚୂଡାନ୍ତ ତାଲିକାରେ ୨୧.୫୩ ଲକ୍ଷ ଲୋକଙ୍କ ନାମ ଆର୍ଡ କରାଯାଇଛି । ୩.୬୬ ଲକ୍ଷ ଲୋକଙ୍କର ନାମକୁ ସଂଶୋଧନ ତାଲିକାରୁ ବାଦ ଦିଆଯାଇଛି । ତେବେ ସେପ୍ଟେମ୍ବର ୩୦ରେ ଯେଉଁ ଚୂଡାନ୍ତ ତାଲିକା ପ୍ରକାଶ ପାଇଛି ସେଥିରେ ୭.୪୨ କୋଟି ଲୋକଙ୍କ ନାମ ରହିଛି ।
ପାଟଣାରେ ଚୂଡାନ୍ତ ଭୋଟର ତାଲିକାରେ ପଞ୍ଜିକୃତ ଭୋଟରଙ୍କ ସଂଖ୍ୟା ଚିଠା ତାଲିକା ଠାରୁ ବୃଦ୍ଧି ପାଇଛି । ପାଟଣା ଜିଲ୍ଲା ୪୮ ଲକ୍ଷ ୧୫ ହଜାର ୨୯୪ ଲୋକଙ୍କ ନାମ ସ୍ଥାନିତ ହୋଇଛି । ଚିଠା ଭୋଟର ତାଲିକା ୧ ତାରିଖରେ ପ୍ରକାଶ ପାଇଥିଲା । ସେପ୍ଟେମ୍ବର ପହିଲା ଯାଏ ଆପତି ଦାଖଲ କରିବା ସମୟ ରହିଥିଲା । ସେପ୍ଟେମ୍ବର ୧ ରୁ ୩୦ ମଧ୍ୟରେ ଆପତ୍ତି ଦରଖାସ୍ତ ଗ୍ରହଣ କରାଯାଇଥିଲା । ତେବେ ବିରୋଧୀ ଦଳଗୁଡିକ ପକ୍ଷରୁ ଏହାକୁ ସମାଲୋଚନା କରାଯାଇଛି ।







**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

HAPPY DURGA PUJA
SANJIBANI MEDICAL STORE
Near Sum Hospital, Kalinga Nagar, BBSR
Contact : 9937426244
GURUKRUPA MEDICAL STORE
Near Sum Ultimate, Kalinga Nagar, BBSR
Contact : 9078475644

KONARK MOTORS
Plot No. : 182, Inside Puri Canal NH-5, Hanspal, Bhubaneswar-752101
Contact : 9437449439, 9937876949

ପାର୍ବଣର ଶୁଭେଚ୍ଛା
ସର୍ବେ ଭବନ୍ତୁ ଶୁଖିନଃ
ଆପଣଙ୍କ ଆର୍ଶୀବାଦରେ
ଆପଣଙ୍କ ଅଜିତ୍
AJIT BEHERA
Corporater (Word No, 44)
Badagada, Bhubaneswar

ଶାରଦୀୟ ପୂଜା ଅଭିନନ୍ଦନ
ଆଶା ଫ୍ୟାମିଲି ରେଷ୍ଟୁରାଣ୍ଟ ଓ ଲଜିଙ୍ଗ
କୁଆଖିଆ ବଜାର ବିନ୍ଦୁନଗର ଜାତୀୟ ରାଜପଥ ପାର୍ଶ୍ୱରେ ଅତ୍ୟାଧୁନିକ ମଡେଲର ଆଶା ଫ୍ୟାମିଲି ରେଷ୍ଟୁରାଣ୍ଟ ଲଜିଙ୍ଗ ଭକ୍ତମାନଙ୍କ ସେବା ଯୋଗାଇ ଦେବାରେ ଅଗ୍ରଣୀ ପ୍ରତିଷ୍ଠାନ ।
ପ୍ରୋପାଇଟର
ଜଗୁ ଫୁଡିଙ୍ଗ
ଯୋଗାଯୋଗ ନଂ– ୯୭୭୭୫୧୨୧୧୪

ୱାର୍ଡ ନଂ.- ୧୦ର ସମସ୍ତ ଜନସାଧାରଣଙ୍କୁ ଶାରଦୀୟ ଅଭିନନ୍ଦନ ଓ ଶୁଭେଚ୍ଛା
ସେକ୍ ନୁରହାସନ୍ (ନୁର)
କର୍ପୋରେଟର, ୱାର୍ଡ ନଂ-୧୦, ମଞ୍ଚେଶ୍ୱର ଭୁବନେଶ୍ୱର

ଶାରଦୀୟ ଅଭିନନ୍ଦନ
ଦଶହରା ଅବସରରେ ସମସ୍ତଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା
କିରଣବାଳା ମାଝୀ
କର୍ପୋରେଟର, ୱାର୍ଡ ନଂ ୨୩

Happy Durga Puja
CHARULATA SAMANTRAY
Corporator
Ward No. : 62
Pokhariput, Bhubaneswar

ଶୁଭେଚ୍ଛା ବାର୍ତ୍ତା
ପବିତ୍ର ଦୁର୍ଗାପୂଜା ଏବଂ ସମୟର ୨୯ତମ ସୁନକ୍ଷତ୍ର ଅବସରରେ ବୌଦ୍ଧ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ବିନୟ ତୀରିଆ
କନିଷ୍ଠ ଯନ୍ତ୍ରୀ, ପୁରୁଣା କଟକ, ଜିଲ୍ଲା– ବୌଦ୍ଧ

HAPPY DURGA PUJA
SHREEMAA MARBLES
Exclusive Dealer For:
JOHNSON TILES
RAK CREAMICS MARBLES
GRANITE & ADHESIVES SANITARY
JOHNSON RAK CERAMICS
Address : Bomikhal, Rasulgarh, Pahal, Keshura
Mob : 8018055036

ଶାରଦୀୟ ଅଭିନନ୍ଦନ
ଭରତ କୁମାର ଲେଙ୍କା

Happy Durga Puja
FURNWELL FURNITURE
Deals in : Interior Design & all Types of Furniture
Khandagiri, Square, Bhubaneswar- 751030
9861061937, 7008010798, 9937610087

ଶୁଭେଚ୍ଛା ବାର୍ତ୍ତା
ପବିତ୍ର ଦୁର୍ଗାପୂଜା ଏବଂ ସମୟର ୨୯ତମ ସୁନକ୍ଷତ୍ର ଅବସରରେ ତିଲେଶ୍ୱର ଅଞ୍ଚଳର ସମସ୍ତ କୃଷକମାନଙ୍କ ପ୍ରଗତି ସେତୁ ଭାବେ ତିଲେଶ୍ୱର ପ୍ୟାକ୍ସ ସର୍ବଦା ଉତ୍ସର୍ଗୀକୃତ । ଜନତିର ଶିଖର ଛୁଇଁବା ସହ ସର୍ବଦା ବିକାଶର ବାଟ ହୋଇଛି ଆମ ପ୍ୟାକ୍ସ । ଏହି ପବିତ୍ର ଦଶହରାରେ ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ।
ବିଜୟ କୁମାର ବେହେରା
ସଭାପତି, ତିଳେଶ୍ୱର ପ୍ରାଥମିକ କୃଷି ସମବାୟ ସମିତି

ଶାରଦୀୟ ଅଭିନନ୍ଦନ
ମୋ ଭିମଟାଙ୍ଗି ବାସି ମାନଙ୍କୁ
ଶିବ ନାରାୟଣ ରାୟ
ୱାର୍ଡ ନଂ- ୬୧, କର୍ପୋରେଟର, ଭିମଟାଙ୍ଗି, ଭୁବନେଶ୍ୱର

BINOD TEXTILES
ବିନୋଦ ଟେକ୍ସଟାଇଲ୍ସ
All Kind of Sarees, Dhoti, Lungi, Bedsheets, Handloom Varieties Kids & Gents Wear
Pithapur , Jhola Sahi, Cuttack - 753001
Budhanagar, Kalpana Square, Bhubaneswar
Contact :9438023000

HINDUSTAN'S CAKERY
HAPPY Durga Puja
Cantonment Road
Near Military Lane
Berhampur- 760001
Mob: 9937023450

ଶୁଭେଚ୍ଛା ବାର୍ତ୍ତା
ପବିତ୍ର ଦୁର୍ଗାପୂଜା ଏବଂ ସମୟର ୨୯ତମ ସୁନକ୍ଷତ୍ର ଅବସରରେ ବୌଦ୍ଧ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଏବଂ ଶୁଭେଚ୍ଛା ।
ସୁବାସ କୁମାର ପ୍ରଧାନ
କନ୍ଧମାଳ ସାଂସଦଙ୍କ ପ୍ରତିନିଧି (ମତ୍ସ୍ୟ, ପଶୁ ସମ୍ପଦ, ସମବାୟ ଓ ବୟନଶିଳ୍ପ) ବୌଦ୍ଧ ଜିଲ୍ଲା

Happy Durga Puja
SNR S N R STEELS
Deals in : Iron Steels, All Fabricator Materials, Rolling Sutter Patti, M.S. Pipe, G.I. Pipe
Plot No. : 411, Uttara Chhak, Puri Road
Bhubaneswar-751002
M : 8093885278, 6370230310

ୱାର୍ଡ ନଂ.- ୧୮ ର ସମସ୍ତ ଭାଇ-ଭଉଣୀ ମାନଙ୍କୁ ଶାରଦୀୟ ଦୁର୍ଗାପୂଜାର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ
BIPLAB BEHERA
Corporater (Word No, 18)
Pandra, Bhubaneswar

Happy Durga Puja
Lalu Automobiles
A Complete Multi Brand Car Workshop
Mahindra HYUNDAI Ford TOYOTA
Backside of KCA Ground, Khandagiri, Bhubaneswar
E-mail : sethis072@gmail.com
Mobile : 9437281259, 6371090917

HAPPY DURGA PUJA
STAR GLASS & ART WORK
(Fancy Mirror Wholesaling)
Deals in:
All types of Types of Toughen Glass & Fittings, Glass Dining Table, Etching Beveling, Polishing, Glass Designing, Acid & Color Work, LED Mirror and Hardware Stocks etc.
Plot No. 361, Basuaghai, Puri-Bypass, Near Sai Mandir Chhak, Infront of JCB Show Room, Bhubaneswar - 751002
M : 7008035103, 8456074382

ଶାରଦୀୟ ଦୁର୍ଗା ପୂଜା ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ।
ଛବି ଦାସ୍
ୱାର୍ଡ ନଂ - ୬୬, ରଘୁନାଥ ନଗର, ଭୁବନେଶ୍ୱର

HAPPY DURGA PUJA
MAHAVIR MEDICAL STORE
SUM HOSPITAL, BHUBANESWAR
Cell : 9114156363
Branch : Patrapada, BBSR, Near AIIMS Hospital
M : 9937547564
Branch : Niladri Vihar, BBSR, Near Utkal Hospital
M : 7008180644

HAPPY Durga Puja
BP BALAJI PIPES
Office : Plot No. :06, Aiginia, Near Kolathia Chhak, Bhubaneswar - 751019
Contact: 9861175019, 9778363834

HAPPY DURGA PUJA
SAI MEDICAL STORE
Plot No. :K8119, Kalinga Nagar, Ghatikia
Near IGKC Hospital, Bhubaneswar
M : 9937025644

ୱାର୍ଡ ନଂ ୬୦ର ସମସ୍ତ ଭାଇ ଭଉଣୀ ଗୁରୁଜନମାନଙ୍କୁ ପବିତ୍ର ଦଶହରା ଦୁର୍ଗାପୂଜା ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ଓ ସମସ୍ତଙ୍କର ମଙ୍ଗଳ କାମନା ଭଗବାନଙ୍କ ମାତୃଶକ୍ତିଙ୍କ ପାଖରେ କାମନା କରୁଛି ।
ଚନ୍ଦ୍ରଶେଖର ମଲିଆ (ଗାପୁ)
କର୍ପୋରେଟର, ୱାର୍ଡ ନଂ-୬୦, ଭୁବନେଶ୍ୱର

Happy Durga Puja
POOJA ENTERPRISERS
An ISO 9001:2015 Company
Manufacturing of
Concrete Checkered tiles, Interlocking pavers Blocks, Designer Tiles, Kerb Stones, Grass Povers, Soccer, Cobble stone, ETC
Mahavir Bazar, Samantarapur, BBSR
M : 9437054243, 9439913285, 9437634494

ଶାରଦୀୟ ଦୁର୍ଗା ପୂଜାର ହାର୍ଦ୍ଦିକ ଅଭିନନ୍ଦନ
ମା ଦୁର୍ଗା ସମସ୍ତ ଭକ୍ତଙ୍କୁ ଘଣ୍ଟ ଯୋଗାଇ ଅନ୍ୟାୟ ବିରୁଦ୍ଧରେ ଲଢ଼ିବାକୁ ସାହସ ଦିଅନ୍ତୁ ।
BANDITA PAL
Corporater (Ward No. 37)
Nayapalli, Bhubaneswar

# ପାକରେ ଆତ୍ମଘାତୀ ବିସ୍ଫୋରଣ: ୧୦ମୃତ

ପାକିସ୍ତାନ: ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶର ରାଜଧାନୀ କ୍ୱେଟାରେ ଥିବା ପାକିସ୍ତାନୀ ଅର୍ଦ୍ଧସାମରିକ ବାହିନୀ, ଫ୍ରଣ୍ଟିୟର୍ କର୍ପସର ମୁଖ୍ୟାଳୟ ନିକଟରେ ଏକ ବଡ ଧରଣର ଆତ୍ମଘାତୀ ବିସ୍ଫୋରଣ ଘଟିଛି । ବିସ୍ଫୋରଣରେ ତିନି ଜଣ ଅର୍ଦ୍ଧସାମରିକ ବାହିନୀର କର୍ମଚାରୀଙ୍କ ସମେତ ଦଶଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ଅନେକ ଲୋକ ଏଥିରେ ଆହତ ହୋଇଛନ୍ତି । ଆହତଙ୍କୁ ଯୁଦ୍ଧକାଳୀନଭିତ୍ତିରେ ଉଦ୍ଧାର କରି ଚିକିତ୍ସା ପାଇଁ ସିଭିଲ ହସ୍ପିଟାଲ ସମେତ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ବେଲୁଚିସ୍ତାନ ସ୍ୱାସ୍ଥ୍ୟ ବିଭାଗର ସଚିବ କହିଛନ୍ତି ଯେ ବୋମା ବିସ୍ଫୋରଣ ଯୋଗୁ କ୍ୱେଟା ଡାକ୍ତରଖାନାଗୁଡ଼ିକରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି । ସମସ୍ତ ଡାକ୍ତର, ପାରାମେଡିକାଲ କର୍ମଚାରୀ, ନର୍ସ ଇତ୍ୟାଦିଙ୍କୁ ଡ୍ୟୁଟିରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛ । ଭାରତୀୟ ସମୟ ଅନୁସାରେ ମଙ୍ଗଳବାର ଅପରାହ୍ନ ୧୨:୦୩ ରେ ଏହି ଭୟାବହ ବିସ୍ଫୋରଣ ଘଟିଛି ।ଖବର ଲେଖାହେଲା ପର୍ଯ୍ୟନ୍ତ ଏହି ବିସ୍ଫୋରଣ ନେଇ ପାକିସ୍ତାନୀ ସେନା କିମ୍ବା ବେଲୁଚିସ୍ତାନ ସରକାରଙ୍କ ପକ୍ଷରୁ କୌଣସି ବିବୃତ୍ତି ଜାରି କରାଯାଇ ନାହିଁ ।


With Best Compliments From :
M/s KALINGA ENTERPRISERS
Ranini Chhak, Balisahi, Jajpur





ଶାରଦୀୟ ଅଭିନନ୍ଦନ
ଦୈନିକ 'ସମୟ'ର ୨୯ତମ ସ୍ୱନକ୍ଷତ୍ର ତଥା ପବିତ୍ର ଦଶହରା ଅବସରରେ ଓଡ଼ିଶାବାସୀଙ୍କ ସୁଖ ସମୃଦ୍ଧି ପାଇଁ ମା' ଦୁର୍ଗତିନାଶିନୀଙ୍କ ନିକଟରେ ପ୍ରାର୍ଥନା କରୁଛି ।
ପ୍ରିୟରଞ୍ଜନ ନାଥ
କୁଞ୍ଜକାନ୍ତ, ଢେଙ୍କାନାଳ






With Best Compliments From :
M/s PRPL Pvt. Ltd.
Dankari, Chadaidhara

With Best Compliments From :
M/s KALYANI STONE CRUSHER



With Best Compliments From :
M/s S T MINERALS
Dankari, Jajpur






With Best Compliments From :
M/s KRISHNA COKE INDIA (P) LTD.
ANJIRA, BALISAHI, JAJPUR


Wishing to all happy Durgapuja & 29th Anniversary of "The Samaya Daily"
M/s MANOHAR REDDY
Dankari, Chadaidhara, Jajpur





With Best Compliments From :
M/s EASTERN FOOD (P) LTD
A Prestigious & High Quality Rice Manufacturer of Odisha
N.H.-5, Chhatia, Jajpur

With Best Compliments From :
ARUNI STONE PRODUCT
(Nihal Prasad) Chadaidhara



With Best Compliments From :
Ms. DASH STONE CRUSHER
Wish to all Happy Durga Puja



ଶୁଭେଚ୍ଛା ବାର୍ତ୍ତା
'ସମୟ'ର ୨୯ ତମ ସ୍ୱନକ୍ଷତ୍ର ତଥା ଶାରଦୀୟ ପୂଜା ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ।
ବାବାମଣୀ ଷ୍ଟୋନ କ୍ରସର
ଚଢ଼େଇଧରା, ଯାଜପୁର
ପ୍ରୋ : ବାଇଧର ସାହୁ




With Best Compliments From :
M/s TRAPTI STONE CRUSHER
Dankari, Chadaidhara





With Best Compliments From :
M/s ARK INDUSTRIES
A Unit of High Quality
FLYASH BRIKS MANUFACTURE
Chadaidhara




With Best Compliments From :
M/s JAGABANDHU ENTERPRISERS
Dankari, Chadaidhara

With Best Compliments From :
M/s JAIN TRANSPORT
Chandikhol
Mr. KAMALESH JAIN



With Best Compliments From :
AMIT STONE CRUSHER
Dankari





With Best Compliments From :
Chandi Stone Crusher
Dankari

ପ୍ରଗତି ପଥେ ବଡ଼ଚଣା ପଞ୍ଚାୟତ ସମିତି
ପବିତ୍ର ଦୁର୍ଗାପୂଜା ଓ ଦୈନିକ 'ସମୟ'ର ୨୯ ତମ ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।
ଶୁଭେଚ୍ଛା ସହ :
ଶ୍ରୀ ରବିନ୍ଦ୍ର କୁମାର ପ୍ରଧାନ (ଓ.ପ୍ର.ସେ)
ମଣ୍ଡଳ ଉନ୍ନୟନ ଅଧିକାରୀ
ବଡ଼ଚଣା, ଯାଜପୁର



With Best Compliments From :
'ସମୟ'ର ସ୍ୱନକ୍ଷତ୍ର ତଥା ପବିତ୍ର ଦୁର୍ଗାପୂଜା ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ
Ms. NILACHAL CARBO METALICKS PVT. LTD.
Largest Low Ash Coke Manufacturing Company in Eastern India



Wishing to all a Happy Durgapuja & 29th Anniversary of "The Samaya Daily"
"A WELL WISHER"
Chadaidhara, Jajpur



# ଏସିଆ କପ ଟ୍ରଫି ଫେରାଇବା ପାଇଁ ଅଜବ ସର୍ତ୍ତ

ଦୁବାଇ,୩୦/୯ (ଏଜେନ୍ସି): ଭାରତ ଏସିଆ କପ ଜିତିବା ପରେ ବି ଏସିସି ମୁଖ୍ୟ ମୋହଶିନ ନକଭୀ ବିଜୟୀ ଦଳକୁ ଟ୍ରଫି ଦେଇ ନାହାନ୍ତି। ଟ୍ରଫି ଦେବା ବଦଳରେ ସେ ଏହାକୁ ନିଜ ସହ ନେଇ ଚାଲି ଯାଇଛନ୍ତି। ଭାରତୀୟ ଟିମ ଏସିଆ ଦଖଲ କରିଥିଲେ ହେଁ ବିନା ଟ୍ରଫିରେ ବିଜୟ ଉତ୍ସବ ପାଳିଛି। ରବିବାର ଦୁବାଇରେ ଫାଇନାଲ ଖେଳା ଯାଇଥିଲା। ଆଉ ଏହି ମ୍ୟାଚ୍ରେ ଭାରତ ୫ ୱିକେଟରେ ପାକିସ୍ତାନକୁ ହରାଇଥିଲା। ତଥାପି ଭାରତକୁ ଏସିଆ କପ ଟ୍ରଫି ମିଳିନାହିଁ। ମୋହଶିନ ନକଭୀ ଏସିସି ମୁଖ୍ୟ ସହ ପାକିସ୍ତାନ କ୍ରିକେଟ ବୋର୍ଡର ଅଧ୍ୟକ୍ଷ। ତାଙ୍କ ହାତରୁ ଭାରତ ବିଜୟ ଟ୍ରଫି ଗ୍ରହଣ କରିବାକୁ ମନା କରିଥିଲା। ଏଥିପାଇଁ ନକଭୀ ବିଜୟ ଟ୍ରଫି ନିଜ ସହ ହୋଟେଲକୁ ଧରି ଚାଲି ଯାଇଥିଲେ। ବିଶ୍ୱ କ୍ରିକେଟରେ ଇତିହାସରେ ଏପରି ଘଟଣା ପ୍ରଥମଥର ଘଟିଥିବା ବେଳେ ନକଭୀଙ୍କୁ ସମସ୍ତେ ସମାଲୋଚନା କରି ଚାଲିଛନ୍ତି। ଏହାକୁ ୨ ଦିନ ବିତି ଯାଇଥିବା ବେଳେ ଭାରତୀୟ ଟିମ ପାଖକୁ କେମିତି ବିଜୟୀ ଟ୍ରଫି ଓ ମେଡାଲ ଆସିବ, ତା'ର କୌଣସି ବିଧିବଦ୍ଧ ସୂଚନା ମିଳି ପାରିନାହିଁ। ଫାଇନାଲ ମ୍ୟାଚ୍ ପରେ ଭାରତୀୟ ଟିମ ସ୍ୱଦେଶ ଫେରି ଆସିଛି। ତଥାପି ଦଳ ପାଖରେ ଏଯାଏ ବିଜୟୀ ଟ୍ରଫି କିମ୍ବା ମେଡାଲ ପହଞ୍ଚି ନାହିଁ। ଏସବୁ ଭିତରେ ନକଭୀ ଭାରତକୁ ବିଜୟୀ ଟ୍ରଫି ଓ ମେଡାଲ ଫେରାଇବାକୁ ରାଜି ହୋଇଛନ୍ତି। କିନ୍ତୁ ପାକିସ୍ତାନ ସରକାରରେ ମନ୍ତ୍ରୀ ଥିବା ଏହି ବ୍ୟକ୍ତି ଜଣଙ୍କ ଏଥିପାଇଁ ଗୋଟିଏ ଅଜବ ସର୍ତ୍ତ ରଖିଛନ୍ତି। ପ୍ରକାଶିତ ରିପୋର୍ଟରେ ଦାବି କରାଯାଇଛି ଯେ ଭାରତକୁ ଟ୍ରଫି ଫେରାଇବା ପାଇଁ ନକଭୀ ରାଜି ଥିବା ଆୟୋଜକମାନଙ୍କୁ ଜଣାଇଛନ୍ତି। କିନ୍ତୁ ସୂର୍ଯ୍ୟ କୁମାର ଯାଦବ ଓ ତାଙ୍କ ଟିମର ସଦସ୍ୟମାନେ ସେତେବେଳେ ବିଜୟୀ ଟ୍ରଫି ଓ ମେଡାଲ ପାଇବେ ଯେତେବେଳେ ଏଥିପାଇଁ ଗୋଟିଏ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ହେବ। ଆଉ ଉକ୍ତ କାର୍ଯ୍ୟକ୍ରମରେ ନକଭୀ ହିଁ ଭାରତୀୟ ଟିମକୁ ଟ୍ରଫି ଓ ମେଡାଲ ପ୍ରଦାନ କରିବେ। ନକଭୀଙ୍କ ଏଭଳି ସର୍ତ୍ତ ଆଦୌ ଗ୍ରହଣୀୟ ନୁହେଁ। କାରଣ ଏସିଆ କପ ଫାଇନାଲରେ ନକଭୀ ହିଁ ଟ୍ରଫି ଦେବାକୁ ଗୋଡ଼ ଟେକି ବସିବାରୁ ଭାରତ ଏହାକୁ ଗ୍ରହଣ କରି ନଥିଲା। ବିନା ଟ୍ରଫିରେ ଦଳର ସଦସ୍ୟମାନେ ବିଜୟ ଉତ୍ସବ ପାଳିଥିଲେ। ସେମାନେ ନକଭୀଙ୍କୁ ବୟକଟ କରିଥିଲେ। ଏବେ ନକଭୀ ଟ୍ରଫି ଫେରାଇବା ପାଇଁ ସର୍ତ୍ତରେ ସେ ହିଁ ଟ୍ରଫି ଦେବାକୁ ଚାହୁଁଥିବା କହିଛନ୍ତି। ତେଣୁ ତାଙ୍କର ଏହି ସର୍ତ୍ତ କେବେ ହେଲେ ପୂରଣ ହେବାର ସମ୍ଭାବନା ନାହିଁ। ସମ୍ଭବତଃ ଟ୍ରଫି ଫେରାଇବାକୁ ଚାହୁଁଥିବା ନକଭୀ ଜାଣିଶୁଣି ଏପରି ସର୍ତ୍ତ ରଖିଥିବା କୁହାଯାଉଛି।

























Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି